THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୨୯ ମାର୍ଚ୍ଚ ୨୦୨୬

ମନୋରଞ୍ଜନ

ନେଟଫ୍ଲିକ୍ସରେ ରିଲିଜ୍ ହେବ ଟୋଷ୍ଟର





## ରାଜ୍ୟସଭା ନିର୍ବାଚନ:

# ଘୋଡ଼ା ବେପାର ପ୍ରସଙ୍ଗ

# ଶ୍ରୀ ରାମକୃଷ୍ଣ ଚରିତାମୃତ ୩୯

## ମନୋଜ କୁମାର ମହାପାତ୍ର



ବେଲଟାରିଆର ହରିପ୍ରସନ୍ନ ଚାଟାର୍ଜୀ (ସ୍ୱାମୀ ବିଜ୍ଞାନାନନ୍ଦ)ଙ୍କୁ ତାଙ୍କର ଦୁଇଜଣ ସାଙ୍ଗ ଶରତ ଓ ଶଶୀ, ଶ୍ରୀ ରାମକୃଷ୍ଣଙ୍କ ସହିତ ପରିଚୟ କରାଇଥିଲେ। ସେହି ସମୟରେ ସେ କଲେଜ ଛାତ୍ର ଥିଲେ। ଏହି ଭେଟ ୧୮୮୩ ମସିହାରେ ହେଇଥିଲା। ଇଞ୍ଜିନିୟର ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ ସରକାରୀ ପଦରେ ଅଧିଷ୍ଠିତ ହେଲାପରେ ସେ ସଂସାର ତ୍ୟାଗ କରିଦେଇଥିଲେ ଏବଂ ସ୍ୱାମୀ ଅଖଣ୍ଡାନନ୍ଦଙ୍କ ଦେହାବସାନ ପରେ ସାଲ ୧୯୩୫ରେ ଶ୍ରୀ ରାମକୃଷ୍ଣ ମଠ ଏବଂ ମିଶନର ଅଧକ୍ଷ ରୂପରେ ପ୍ରତିଷ୍ଠିତ ହୋଇଥିଲେ। ସାଲ୍ ୧୮୮୬ର ଶେଷ ଆଡ଼କୁ କାଳୀ ପ୍ରସାଦ ଚନ୍ଦ୍ର (ସ୍ୱାମୀ ଅଭେଦାନନ୍ଦ) ପ୍ରଥମେ ଶ୍ରୀ ରାମକୃଷ୍ଣଙ୍କର ଦର୍ଶନ କରିଥିଲେ। ସେ ବେଦାନ୍ତର ଅପ୍ରତିମ ବିଦ୍ୱାନ ଥିଲେ ଏବଂ ସଦାସର୍ବଦା ଆଧ୍ୟାତ୍ମିକ ସାଧନାର ଫଳସ୍ୱରୂପ ନିଜର ପ୍ରାରମ୍ଭିକ ସାଧୁ-ଜୀବନରେ 'କାଳୀ-ତପସ୍ୱୀ' ନାମରେ ପରିଚୟ ପାଇଥିଲେ। ସେ ଆମେରିକାରେ ବେଦାନ୍ତର ସନ୍ଦେଶ ପ୍ରଚାର କରିବା ପାଇଁ ବଡ଼ କାର୍ଯ୍ୟ କରିଥିଲେ।

ସୁବୋଧଚନ୍ଦ୍ର ଘୋଷ (ସ୍ୱାମୀ ସୁବୋଧାନନ୍ଦ) ୧୮୮୫ରେ ଶ୍ରୀ ରାମକୃଷ୍ଣଙ୍କ ସହିତ ଭେଟ କରିଥିଲେ। ସେତେବେଳେ ସେ ହାଇସ୍କୁଲର ୧୭ ବର୍ଷୀୟ ଛାତ୍ର ଥିଲେ। ସୁବୋଧ ସହିତ ଦ୍ୱିତୀୟ ଥର ଭେଟ ସମୟରେ ଶ୍ରୀ ରାମକୃଷ୍ଣଙ୍କର ଅଲୌକିକ ସ୍ପର୍ଶ ଦ୍ୱାରା ଗମ୍ଭୀର ଆଧ୍ୟାତ୍ମିକ ଅନୁଭୂତି ସେ ପ୍ରାପ୍ତ କରିଥିଲେ। ସେ କଲିକତାର ପ୍ରସିଦ୍ଧ ଠନଠାନିଆ କାଳୀ ମନ୍ଦିରର ସଂଚାଳକ ଶଙ୍କର ଘୋଷର ପରିବାରର ଥିଲେ। ସାଲ୍ ୧୮୮୫ରେ ଶ୍ରୀ ରାମକୃଷ୍ଣଙ୍କ ପ୍ରଥମ ଦର୍ଶନ ସମୟରେ ଶାରଦା ପ୍ରସନ୍ନ ମିତ୍ର (ସ୍ୱାମୀ ତ୍ରିଗୁଣାତିତାନନ୍ଦ) ବାଳକ ଥିଲେ। ୨୪ ପ୍ରଗଣାର ନାଓରାର ଜମିଦାର ପରିବାରରେ ତାଙ୍କର ଜନ୍ମ ହୋଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ନିର୍ଦ୍ଦେଶରେ ଶ୍ରୀ ରାମକୃଷ୍ଣ ସଂଘର ବଙ୍ଗଳା ପତ୍ରିକା 'ଉଦ୍‌ବୋଧନ' ଆରମ୍ଭ କରିଥିଲେ ଏବଂ ସାଲ୍ ୧୯୦୨ରେ ସାନ୍‌ଫ୍ରାନସିସ୍‌କୋ (ଆମେରିକା) ଅଭିମୁଖେ ଯାତ୍ରା କରିବା ପୂର୍ବରୁ ସେ 'ଉଦ୍‌ବୋଧ' ପତ୍ରିକାର ସମ୍ପାଦକ ରହିଥିଲେ। ସେଠାରେ ସେ ବେଦାନ୍ତର ସଫଳତାପୂର୍ବକ ପ୍ରଚାର କରିଥିଲେ ଏବଂ ତାଙ୍କର ୧୯୧୪ରେ ଦେହାବ୍‌ତ ହେଇଥିଲା।

ଏମାନେ ଥିଲେ ଶ୍ରୀ ରାମକୃଷ୍ଣଙ୍କର ଅନ୍ୟତମ ଶିଷ୍ୟ ଯେଉଁମାନେ ଶ୍ରୀ ରାମକୃଷ୍ଣଙ୍କ ସେବାରେ ନିଜର ଜୀବନକୁ ସମର୍ପିତ କରିଥିଲେ ଏବଂ ଆପଣାର ଜୀବନ ତାଙ୍କ ଦ୍ୱାରା ପ୍ରଦର୍ଶିତ ତ୍ୟାଗର ଉଚ୍ଚ ଆଦର୍ଶ ଉପରେ ଗଢିଥିଲେ। ଏହା ନିର୍ଣ୍ଣୟ ନିର୍ଦ୍ଧାରଣ କରୁଥିବା ଲୋକଙ୍କୁ ଏକତ୍ରିତ କରି ଶ୍ରୀ ରାମକୃଷ୍ଣ ନିଜର ଅନ୍ତରଙ୍ଗ ଗଢ଼ି ସାରିଥିଲେ। ଏବଂ ସେ ତାଙ୍କ ମାତାଙ୍କ ସ୍ନେହ ପ୍ରଦାନ କରି ଈଶ୍ୱର ଉପଲବ୍ଧି ପଥରେ ଉତ୍ତରୋତ୍ତର ଅଗ୍ରସର ପାଇଁ ପ୍ରୟାସ ଜାରି ରଖିଥିଲେ।

ଏହି କତିପୟ ହାତଗଣତି ବ୍ୟକ୍ତିମାନଙ୍କୁ ଶ୍ରୀ ରାମକୃଷ୍ଣ ନିଜର ଅନ୍ତରଙ୍ଗ କରିନେଇଥିଲେ ଏବଂ ସେ ଜଣେ ମା' ହେଇ ସ୍ନେହରେ ସେମାନଙ୍କୁ ଈଶ୍ୱର-ଉପଲବ୍ଧି ପଥରେ ଉତ୍ତରୋତ୍ତର ପଥରେ ଅଗ୍ରସର କରାଇଥିଲେ।

ଶ୍ରୀ ରାମକୃଷ୍ଣଙ୍କର ଆତ୍ମ-ଉପଲବ୍ଧି ସ୍ତ୍ରୀ-ପୁରୁଷ ସମ୍ବନ୍ଧିତ ସମସ୍ତ ଭେଦଭାବ ଉପରକୁ ଉଠାଇ ନେଇଥିଲା ଏବଂ ସମସ୍ତଙ୍କ ଭିତରେ ତାଙ୍କର ବାଳକସୁଲଭ ଏବଂ ନିଷ୍ପାପ ଆଚରଣ ପ୍ରଭାବ ବିସ୍ତାର କରିଥିଲା। ସଭିଙ୍କ ସହିତ ସେ ଏକ ବାଳକ ସମ ବ୍ୟବହାର କରୁଥିଲେ। ଯେଉଁ ମହିଳା ଭକ୍ତ ତାଙ୍କ ପାଖକୁ ଆଧ୍ୟାତ୍ମିକ ନିର୍ଦ୍ଦେଶନା ଏବଂ ଈଶ୍ୱର ପ୍ରାପ୍ତିର ସହାୟତା ଲାଗି ଆସୁଥିଲେ, ପ୍ରତ୍ୟେକ ସ୍ତ୍ରୀଲୋକ ତାଙ୍କ ସମ୍ମୁଖରେ ଜଗତମାତାଙ୍କର ଜୀବନ୍ତ ରୂପ ଭଳି ଦେଖାଯାଆନ୍ତି। ସ୍ତ୍ରୀଲୋକମାନେ ତାଙ୍କ ସମ୍ମୁଖରେ ତିଳେମାତ୍ର ସଂକୋଚ ଓ ଅସୁବିଧା ଅନୁଭବ କରନ୍ତି ନାହିଁ। ଶ୍ରୀ ରାମକୃଷ୍ଣ ଏହି ସହଜତା ମାଧ୍ୟମରେ ପ୍ରତ୍ୟେକ ସ୍ତ୍ରୀଲୋକର ବିଚାରଧାରା ଏବଂ ମନୋସ୍ଥିତି ମାପି ନେଉଥିଲେ, ସେଭଳି ମଧ୍ୟ ପୁରୁଷମାନଙ୍କୁ। ତାଙ୍କର ମନ ସର୍ବଦା ଅତୀବ ପବିତ୍ର ଥିଲା। ଏଣୁ ସ୍ୱାଭାବିକ ଭାବରେ ତାଙ୍କର ଭିତରସ୍ଥ ଶ୍ରେଷ୍ଠ ଭାବନାକୁ ସେମାନଙ୍କ ଭିତରେ ଜାଗ୍ରତ କରାଇ ଦେଉଥିଲେ। କାମିନୀ-କାଞ୍ଚନକୁ ତ୍ୟାଗ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଉ ଥିଲେ ଏବଂ ଈଶ୍ୱର ଦର୍ଶନ ପାଇଁ କଠୋର ପ୍ରୟାସ କରିବାକୁ କହୁଥିଲେ। ତାଙ୍କର କିଛି ପ୍ରମୁଖ ମହିଳା ଭକ୍ତଙ୍କର ଜୀବନ ଯଥା ଯୋଗିନୀ ମା', ଗୋଲାପ ମା', ଅଘୋରମଣି ଦେବୀ (ଗୋପାଲ ମା' ନାମରେ ବିଶେଷ ପରିଚିତା), ଗୌରୀ ମା', ତଥା ଲକ୍ଷ୍ମୀମଣି ଦେବୀ ଆଦି ଭକ୍ତଙ୍କୁ ଶୁଦ୍ଧ ପବିତ୍ର କରିଦେଇଥିଲେ। କିପରି ବିଶୁଦ୍ଧ ନିଃସ୍ୱାର୍ଥପୂର୍ଣ୍ଣ ପ୍ରେମ ତଥା ପୂର୍ଣ୍ଣ ଶରଣାଗତିର ଭାବନା ପ୍ରତ୍ୟେକ ନିଷ୍ଠାବାନ ସାଧକଙ୍କ ଭିତରେ ସଂଚରିତ ହେବ, ସେ ବିନା କୌଣସି ଜାତି ଅଥବା ଲିଙ୍ଗ-ଭେଦରେ ସେମାନଙ୍କୁ ଚରମ ଜ୍ଞାନର ପ୍ରାପ୍ତି କରିବା ପାଇଁ ଶକ୍ତି ପ୍ରଦାନ କରୁଥିଲେ। ଏହ ଥିଲା ତାଙ୍କର ଜାଜ୍ୱଲ୍ୟମାନ ଉଦାହରଣ। (କ୍ରମଶଃ)

**ଫୋନ୍-୯୯୩୭୨୯୭୦୩୯**

# ବସନ୍ତର କୁହୁତାନେ : ଫୁଲବନେ......

**ବାଦଲ ଭୂୟାଁ**

ଖରା ସେମିତି ଆଉ ଟାଣ ନାହିଁ, ଏଣେ ଥଣ୍ଡା ଛାଡ଼ିନି। ମୃଦୁ ପବନ ଭିତରେ ତରୁ ଶାଖାର କୋଇଲିର କୁହୁତାନ ସକାଳର ଥଣ୍ଡା ଶୀତର ନିଦକୁ ତାଜା କରିଦେଉଛି। ଆମ୍ବ ବଉଳର ଚଣା ଭିତରେ କେଉଁ ଦୂର ଦୂରାନ୍ତ ତରୁ ଶାଖାରୁ କୋଇଲିର କୁହୁତାନ ସତରେ ଆମ ମାନଙ୍କ ଭିତରେ ଚେତା ପଶାଇ ଦିଏ ସତରେ ଋତୁରାଜ ବସନ୍ତ ଆସିଲାଣି। ଏମିତିରେ ବସନ୍ତ ଜଣା ପଡ଼େ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପବିତ୍ର ହୋଲି ଉତ୍ସବରୁ। ଉଷା ଆଗମନ ସମ୍ବନ୍ଧରେ ସବା ପୂର୍ବେ ସୂଚାଇଥାଏ କଜଳପାତିଟି। କ୍ଷୀଣ ହୋଇଥିବାରୁ ତାର ଛୋଟିଆ ରାବଟି ହୁଏତ କାହାର କାନରେ ପଡ଼ିନପାରେ କିନ୍ତୁ ଏହା ବ୍ୟତୀତ ରାତ୍ରିଚର ପେଚା ବାହୁଡ଼ାରୁ ଫେରିଲା ବେଳକୁ ରାତି ପାହି ପାହି ଆସୁଛି ବୋଲି ସଂକେତ ଦେଇଥାଏ ତା' ଭାଷାରେ। ସତରେ ଆଜିର ବସନ୍ତକୁ ଟିକେ ଦେଖନ୍ତୁ। ଭୋର ବେଳାର ଶୀତୁଆ ପବନ କେଜାଣି କାହିଁ ଆଉ ଦେହରେ ପଶି ହାଡ଼ରେ ବାଜିଲାପରି ଲାଗୁନି। ମନେ ହେଉଛି ବାର୍ଥରୁମର ଗରମ ପାଣିରେ ଥଣ୍ଡା ପାଣି ମିଶାଇବା ପରେ ସତେଯେପରି ଏବେର ଶୀତୁଆ ବସନ୍ତର ପବନ ଟିକିଏ ଉଷୁମ ଉଷୁମ ଲାଗୁଛି।

ଆମେ ବିଜ୍ଞାନ ବହିରୁ ପଢ଼ିଛୁ, ଭଗବାନ ସୂର୍ଯ୍ୟଦେବ ହିଁ ସମସ୍ତ ଋତୁଚକ୍ରର ସ୍ରଷ୍ଟା, ଆଦ୍ୟ, ନିୟନ୍ତ୍ରକ, ଅନନ୍ତ। ତାଙ୍କ ଋତୁଚକ୍ର ପରିବର୍ତ୍ତନଶୀଳ ପାଇଁ ଗୋଟିଏ ପ୍ରବେଶ ହୋଇଥାଏ ଅନ୍ୟଟି ପ୍ରସ୍ଥାନ କରିଥାଏ। ଏମିତିରେ ଆମେ ଭୂଗୋଳ ବହିରେ ବି ପଢିଛୁ ଭାରତ ଗୋଟିଏ ଗ୍ରୀଷ୍ମମଣ୍ଡଳୀୟ ଦେଶ। ଏଠି କହିବାକୁଗଲେ କେବଳ ତିନୋଟି ଋତୁ ଅର୍ଥାତ୍ ଗ୍ରୀଷ୍ମ, ବର୍ଷା, ଶୀତ ଏହି ମାନଙ୍କୁ ହିଁ ଅନୁଭବ କରିଥାଉ। ବାକି ଶରତ, ହେମନ୍ତ, ବସନ୍ତ ଯେପରି ଏକ ପ୍ରକାର ସନ୍ଧୀସ୍ଥଳରେ ରହି ଖୁବ ଅଳ୍ପ ଦିନ ପାଇଁ ଅନୁଭୂତ ହୁଅନ୍ତି। କିନ୍ତୁ ଏବେ ଗ୍ରୀଷ୍ମ ଭିତରେ ବି ପଶି ଆସୁଛି ଟାଣଖରା ଏହା ହେଉଛି ପରିପାର୍ଶ୍ୱିକ ବିଚିତ୍ରତା। କେହି କେହି କୁହନ୍ତି ଯେ ଏହା ପାଗର ବିଗିଡ଼ିବା ସ୍ଥିତି। କିନ୍ତୁ ବସନ୍ତ କାଳଟି ଯେ ଅନେକ ଫୁଲ ସୃଷ୍ଟି କରିଥାଏ ଏହା ଆମେ ସମସ୍ତେ ଜାଣିଛେ। ଧଳା ଠାରୁ ନାଲି, ହଳଦିଆ ଠାରୁ କେଶରୀ, ଅନେକ ରଙ୍ଗର ଫୁଲ ସୃଷ୍ଟିକୁ ଚମତ୍କାର କରିଥାଏ। ତେବେ ଆମର ନିୟମିତ ବୃକ୍ଷ ଗୁଡ଼ିକ ହେଉଛନ୍ତି ବଟ, ଦେବଦାରୁ, ଚମ୍ପା, ଅଶ୍ୱତ୍ଥ, କାଠଚମ୍ପା, କଦମ୍ବ, ନିମ୍ବ, ଚାକୁଣ୍ଡା, ସିମୁଳି, ବେଲ, ନାଗେଶ୍ୱର ଆଦି। ଇଉରୋପୀୟ ଦେଶରେ ଶରତ କାଳରୁ ଗଛ ପତ୍ରଛଡ଼ା ଦେଇଥାଏ କାରଣ ସେଠାରେ ଦୀର୍ଘମାସ ତୁଷାରପାତ ଏବଂ ସୂର୍ଯ୍ୟଦେବଙ୍କ ଦୃଶ୍ୟମାନ କଦା କ୍ୱଚିତ ହୋଇଥାଏ।

ଆମେ ଅନେକ ସମୟ ଗୋଟିଏ କଥା ଭାବିଥାଉ। ମୁଁ କହିବି ମୋ ପିଲାଦିନରୁ ମୋ ଭିତରେ ଏକ ପ୍ରଶ୍ନ ଢ଼େର ଦିନ ଯାଏ ବାନ୍ଧି ଆସିଥିଲା ଯେ ସୃଷ୍ଟିର ଚମତ୍କାର ଉପାଦାନଟି କୁହାଯାଉଥିବା ତରୁଲତାରୁ ପତ୍ର କାହିଁକି ଝଡ଼ିଥାଏ ? ଉଦ୍ଭିଦ ବିଜ୍ଞାନ ଏହାକୁ ଏକ ସ୍ୱାଭାବିକ ପ୍ରକ୍ରିୟା କହି ପତ୍ରରେ ଥିବା ସବୁଜ ବର୍ଣ୍ଣକଣା ଓ ସୂର୍ଯ୍ୟ କିରଣ ସମ୍ପର୍କରେ କହିପାରନ୍ତି। କିନ୍ତୁ ଋତୁଚକ୍ର ଭିତରେ ତରୁଲତାର ବାସ୍ନା ଢ଼େର ଦିନ ଯାଏ ରହିଥାଏ ଭିତରେ। ଏହି ଶୀତଋତୁ ପରେ ହିଁ ଆମେ ଅନେକ ଅସଜଡ଼ା ରୂପ ଚିତ୍ର ସବୁ ଦେଖୁ। କିନ୍ତୁ ଏକଥା ନିଶ୍ଚିନ୍ତ ବସନ୍ତ କାଳରେ ପଶୁପକ୍ଷୀ, କୀଟପତଙ୍ଗ ଏପରିକି ମଣିଷ ମନରେ ମଧ୍ୟ ନବଭାବନା, ନବ ଉନ୍ମାଦନା ଯାତ ହୁଏ ସେହି କାରଣରୁ ହିଁ ବସନ୍ତ ଖାଲି ଋତୁ ନୁହେଁ ଜୀବନର ନୂତନ ସୂଚନା ଓ ନବ ଉନ୍ମେଷର ବେଳା।


ଆମେ ବସନ୍ତ କାଳରେ କୋଇଲିର ଯେଉଁ 'କୁହୁ' ତାନଟି ଶୁଣିଥାଉ ତାହା ହେଉଛି ପଞ୍ଚମ ତାନ। ଏହି କୋଇଲିର କୁହୁତାନ ବସନ୍ତ କାଳରେ ଅନେକ ଜାତି ଜାତି ବିହଙ୍ଗମଙ୍କ ଦର୍ଶନ ଦେଇଥାଏ। ବସନ୍ତ ଋତୁରେ ସୁଲଳୀତ ସ୍ୱରରେ ପକ୍ଷୀମାନଙ୍କ କୁଜନ ଚମତ୍କୃତ କରିଥାଏ। ବସନ୍ତ ଋତୁ ପ୍ରବେଶିବା ସମୟରେ ବିହଙ୍ଗମଙ୍କ ପ୍ରଜନନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। କିନ୍ତୁ ଋତୁରାଜ ବସନ୍ତ ଆଉ ପୂର୍ବ ଭଳି ଦୃଶ୍ୟମାନ ଅନୁଭବ ହେଉନାହାଁନ୍ତି। ମଳୟ ପବନ ଜାଗାରେ ଝାଞ୍ଜି ଆମ ମାନଙ୍କର ଜନଜୀବନକୁ ଅସ୍ତବ୍ୟସ୍ତ ଆରମ୍ଭ କରିଦେଲାଣି। କଥାରେ ଅଛି ଯୌବନ ପରି ବସନ୍ତଋତୁ ବି କ୍ଷଣସ୍ଥାୟୀ। ଦୁଇମାସର ବସନ୍ତ ଋତୁରେ ପୂର୍ଣ୍ଣାଙ୍ଗ ବା ନିଖୁଣ ବାସନ୍ତିକ ଦିବସଟିଏ ଭୋଗ କରିବା ବଡ଼ ଭାଗ୍ୟର କଥା। ଆମେ ଯେତେବେଳେ ଖୋଦ ପରିବେଶ, ଜଳବାୟୁ, ପ୍ରକୃତି ଉପରେ ନିଜ ସ୍ୱାର୍ଥ ପାଇଁ ଦାଉ ସାଧୁଛେ ସେ ନିଶ୍ଚିନ୍ତ ଉଦାସ ହୋଇ ନିଜସ୍ୱ ରୀତିରେ ଚାଲିବ ଏବଂ ଆମ୍ଭ ମାନଙ୍କୁ କ୍ଷମା ନ ଦେଇ ଦଣ୍ଡ ବି ଦେଇପାରେ। ତେବେ କ୍ଷଣିକ ପାଇଁ ବି ହେଉ ବେଳେ ବେଳେ ମୃଦୁ ମଳୟ ଟିକକ ମନ ମୋହୁଛି।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ,**
**୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,**
**ଦୂରଭାଷ : ୭୪୮୮୯୯୮୫୩୨,**
**E-mail : badal009bhuyan@gmail.com**

# ରାଜ୍ୟସଭା ନିର୍ବାଚନ ଓ
# ଘୋଡ଼ା ବେପାର ପ୍ରସଙ୍ଗ

କମଳାକାନ୍ତ ମହାନ୍ତି




ରାଜ୍ୟସଭା ପାଇଁ ଛଅବର୍ଷର କାର୍ଯ୍ୟକାଳ ଶେଷ କରିଥିବା ୧୦ଟି ରାଜ୍ୟର ମୋଟ ୩୭ ଆସନ ମଧ୍ୟରୁ ଏ ବର୍ଷ ୨୬ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବାରୁ ବିହାରର ୫ଟି, ଓଡ଼ିଶାର ୪ଟି ଓ ହରିଆଣାର ୨ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା। ଗତ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ବିଜେପି ଓ ଏହାର ସହଯୋଗୀ ବିହାରରେ ପାଞ୍ଚଟିରୁ ପାଞ୍ଚ ଆସନ, ଓଡ଼ିଶାରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ସମେତ ତିନୋଟି ଆସନରେ ଜିତିଲେ। ଓଡ଼ିଶାର ମୁଖ୍ୟ ବିରୋଧୀ ଦଳ ବିଜୁ ଜନତା ଦଳର ଜଣେ ପ୍ରାର୍ଥୀ ଜିତିଥିବା ବେଳେ ଦଳ ସମର୍ଥନ କରୁଥିବା ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ପରାଜିତ ହେଲେ। ତାଙ୍କୁ ଜିତାଇବା ପାଇଁ ବିଜେଡି ଅପ୍ରତ୍ୟାଶିତ ଭାବେ କଂଗ୍ରେସର ସମର୍ଥନ ଲୋଡ଼ିଥିଲା। ମାତ୍ର ବିଜେଡିର ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ, ସନାତନ ମହାକୁଡ଼, ଅରବିନ୍ଦ ମହାପାତ୍ର, ସୁବାସିନୀ ଜେନା, ଚନ୍ଦ୍ରମଣି କଅଁର ପ୍ରମୁଖ ଆଠ ଜଣ ଓ କଂଗ୍ରେସର ସୋଫିଆ ଫିର୍ଦ୍ଦୋସ, ଦାଶରଥି ଗମାଙ୍ଗ ଓ ରମେଶ ଜେନାଙ୍କୁ ମିଶାଇ ତିନି ଜଣ ବିଧାୟକ ଦିଲ୍ଲୀପ ରାୟଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିବାରୁ ଏପରି ଫଳ ହେଲା ବୋଲି କୁହାଯାଉଛି।

କ୍ରସ ଭୋଟିଂର ଅନେକ କାରଣ ଥାଇପାରେ। ଅଣକଂଗ୍ରେସ ରାଜନୀତିରୁ ସ୍ୱଷ୍ଟ ବିଜୁ ଜନତା ଦଳ ଏହି ନିର୍ବାଚନରେ କଂଗ୍ରେସ ସହ ହାତ ମିଳାଇବା ଯୋଗୁଁ ସମାଲୋଚିତ ହୋଇଛି ବୋଲି ଜଣେ ଟାଣୁଆ ସଂଗଠକ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଟିକେଟ ନ ଦେଇ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଟିକେଟ ଦେବା ଯୋଗୁଁ ତଥା ଶ୍ରୀ ବିଶ୍ୱାଳ ଏହାର ପ୍ରତିବାଦ କରି ଦଳରୁ ବହିଷ୍କୃତ ହେବା ଯୋଗୁଁ ବିଧାୟକ ପୁତ୍ର, ସୌଭିକ ବିଶ୍ୱାଳ କ୍ରସ ଭୋଟିଂ କରିଥିବା ସ୍ୱୀକାର କରିଛନ୍ତି। ସେହିପରି ବାଙ୍କୀର ପୁରୁଖା ନେତା ପ୍ରଭାତ ତ୍ରିପାଠୀଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ଯୋଗୁଁ ତାଙ୍କ ବିଧାୟକ ପୁତ୍ର ଦେବୀରଞ୍ଜନ ତ୍ରିପାଠୀ କ୍ରସ ଭୋଟିଂ କରିଥିବା ଆଲୋଚିତ ହେଉଛି। ସେହିପରି କୌଣସି କାରଣ ନଥାଇ ଯୁବ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ମଧ୍ୟ ଦଳ ଆଗରୁ ନିଲମ୍ବିତ କରିଥିଲା। କଂଗ୍ରେସର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କୁ ଦଳରୁ ନିଲମ୍ବିତ କରିଥିବାରୁ ତାଙ୍କ ବିଧାୟିକା ପୁତ୍ରୀ ମଧ୍ୟ କ୍ରସ ଭୋଟିଂ କରିଥିବା କଥା ଆଲୋଚିତ ହେଉଛି। ଫଳାଫଳ ଯାହା ହେଉନା କାହିଁକି, ନିର୍ବାଚନ ପରେ ଉଭୟ ବିଜେଡି ଓ କଂଗ୍ରେସର ରାଜ୍ୟ ନେତୃତ୍ୱ ପ୍ରତି ଆହ୍ୱାନ ସୃଷ୍ଟି ହୋଇଛି ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ। ଏହି ନିର୍ବାଚନର ପରିଣାମ ଓଡ଼ିଶା ରାଜନୀତିରେ ଏକ ନୂଆ କାୟାକଳ୍ପ ତିଆରି କରିବାକୁ ଯାଉଛି ବୋଲି ବରିଷ୍ଠ ନେତା ବିଜୟ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ବିଧାନସଭାରେ ନିଲମ୍ବିତ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ଆସନକୁ ବଦଳାଇ ଦିଆଯାଇଛି। ଅନ୍ୟ ପକ୍ଷରେ କ୍ରସ ଭୋଟିଂ କରିଥିବା ବିଜେଡିର ୬ ଜଣ ବିଧାୟକଙ୍କ ଆସନ ବଦଳି ନାହିଁ। ସେମାନେ ତାଙ୍କର






ପୁରୁଣା ଆସନରେ ବସିବା ବ୍ୟବସ୍ଥା କାଏମ ରହିଥିଲେ ମଧ୍ୟ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ବ୍ୟତୀତ ଅନ୍ୟମାନେ ନିର୍ବାଚନ ପରେ ଏ ପର୍ଯ୍ୟନ୍ତ ବିଧାନସଭାକୁ ଆସିନାହାନ୍ତି । ସମୁଦ୍ରରେ ବୁଡ଼ିରହିଥିବା ତୁଷାର ପର୍ବତର ଶିଖର ପରି ଏହା ଆଖିକୁ ସାଧାରଣ ଦିଶୁଥିଲେ ମଧ୍ୟ ମୁଖ୍ୟ ବିରୋଧୀ ଦଳ ବିଜେଡିରେ କାଦୁଅ ଘାଣ୍ଟିବା ବନ୍ଦ ହୋଇନାହିଁ । ଏହି ନିର୍ବାଚନରେ ବ୍ୟାପକ 'ଘୋଡ଼ା ବେପାର' ହେବା କୁହାଯାଉଥିବା ବେଳେ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କ୍ରସ ଭୋଟିଂ ହୋଇଛି ବୋଲି ପ୍ରତିବାଦ କରାଯାଉଛି ।

୧୯୮୫ ମସିହା ଦଳବଦଳ ରୋକିବାକୁ ସମ୍ବିଧାନର ଯେଉଁ ୫୨ ତମ ସଂଶୋଧନ ହେଲା, ସେଥିରେ ରାଜ୍ୟସଭା ନିର୍ବାଚନକୁ ବାଦ୍ ଦିଆଯାଇଛି । ୨୦୧୭ ମସିହାରେ ନିର୍ବାଚନ କମିସନ ଏହାର ଉପରେ ମତ ଦେଇଛନ୍ତି ଯେ, "Provision of the 10th schedule, with respect to voting against the instruction of the party will not be applicable is a Rajyasabha election." କୌଣସି ରାଜନୈତିକ ଦଳ ଏଥିପାଇଁ 'ଦଳୀୟ ହ୍ୱିପ୍' ଜାରି କରିପାରିବେ ନାହିଁ । ଦେଶର ରାଷ୍ଟ୍ରପତି ନିର୍ବାଚନ ପରିପ୍ରେକ୍ଷୀରେ ମଧ୍ୟ ଏହି ନିୟମ ଅନୁସୃତ ହୁଏ । ଯୋଗ୍ୟ ପ୍ରାର୍ଥୀ ଦେବା ଦିଗରେ ଦଳ ଯଦି ସତର୍କ ନ ହୁଏ / କିମ୍ବା ଦଳୀୟ ପ୍ରାର୍ଥୀ ସ୍ଥାନୀୟ ସମସ୍ୟା ସମାଧାନ କରି ପାରିବା ଦିଗରେ ସନ୍ଦେହ ସୃଷ୍ଟି ହୁଏ, ଅଥବା ଯଦି ଦଳର ଶୀର୍ଷ ନେତୃତ୍ୱକୁ ତଳକୁ ଖସାଇବାର ଅଭିସନ୍ଧି ରହେ, ତା ହେଲେ କ୍ରସ ଭୋଟିଂ ହେବା ଅନିବାର୍ଯ୍ୟ । ଅପରନ୍ତୁ 'ଘୋଡ଼ା ବେପାର' ଆଲୋଚନା ଦେଶ ସାଧୀନ ହେବା ପରଠାରୁ ଆଲୋଚିତ ହେଉଛି । ଦେଶର ଦ୍ୱିତୀୟ ସାଧାରଣ ନିର୍ବାଚନ ପରେ ଓଡ଼ିଶାର ଝୁଲା ବିଧାନସଭା ହେବାରୁ ମହତାବଙ୍କ ନେତୃତ୍ୱରେ ସ୍ୱାଧୀନ ଓ ଗଣତନ୍ତ୍ର ପରିଷଦର ବିଧାୟକମାନଙ୍କ ସମର୍ଥନରେ ମିଳିତ ସରକାର ଗଠନ କରାଯାଇଥିଲା । ୧୯୮୫ ମସିହା ମାର୍ଚ୍ଚ ୨୪ ତାରିଖ ଦିନ ଓଡ଼ିଶାରୁ ରାଜ୍ୟସଭାର ତିନୋଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବା ବେଳେ ଝାଡ଼ଖଣ୍ଡ ଦଳର ୫ ଜଣ ସଭ୍ୟଙ୍କ ସମର୍ଥନ ସହ ବିଧାନସଭାରେ କଂଗ୍ରେସ ସଭ୍ୟ ସଂଖ୍ୟା ଥିଲା ୭୫ । ଦଳ ତରଫରୁ ବିଭୁଧେନ୍ଦ୍ର ମିଶ୍ର ଓ ମହମ୍ମଦ ହନିଫଙ୍କୁ ପ୍ରାର୍ଥୀ କରାଯାଇଥିଲା । ଗଣତନ୍ତ୍ର ପରିଷଦର ସଭ୍ୟ ସଂଖ୍ୟା ୪୧ ଥାଇ ଏହି ଦଳ ହରିହର ପଟେଲଙ୍କୁ ପ୍ରାର୍ଥୀ କରିଥିଲା । ପ୍ରଜା ସମାଜବାଦୀ ଦଳର ସଭ୍ୟ ସଂଖ୍ୟା ୧୧ ଥାଇ ଦଳରୁ ଦିବାକର ପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଯାଇଥିଲା । ବିଧାୟକଙ୍କ ସଂଖ୍ୟା ଅନୁଯାୟୀ କଂଗ୍ରେସର ଦୁଇ ପ୍ରାର୍ଥୀ ଜିତିବା କଥା । ମାତ୍ର ବିଭୁଧେନ୍ଦ୍ର ଜିତିଲେ ଓ ମହମ୍ମଦ ହନିଫ ହାରିଲେ । କଂଗ୍ରେସ ବିଧାୟକଙ୍କ କ୍ରସଭୋଟିଂ କାରଣରୁ





ପ୍ରଜା ସମାଜବାଦୀ ପାର୍ଟିର ଦିବାକର ପଟ୍ଟନାୟକ ଜୟଯୁକ୍ତ ହେବା କଂଗ୍ରେସ ଦଳକୁ ଏକ ଶକ୍ତ ଚାପୁଡ଼ା ସଦୃଶ ଥିଲା । ଅହିଂସା ଓ ଯାବତୀୟ ନୀତି ଆଦର୍ଶର ବାର୍ତ୍ତା ଦେଉଥିବା କଂଗ୍ରେସ ଦଳର ବିଧାୟକମାନେ ଓଡ଼ିଶାରେ ପ୍ରଥମଥର ପାଇଁ ଯେଉଁ କ୍ରସ ଭୋଟିଂ କାରନାମା କଲେ, ସେଥିରେ ପ୍ରଥମ କରି 'ଘୋଡା ବେପାର ପ୍ରସଙ୍ଗ' ଆଲୋଚିତ ହୋଇଥିଲା । କେଉଁ ଘୋଡ଼ା କେତେ ଦରରେ ବିକ୍ରି ହେଲେ ତାହା ଗୋପନ ରହିଲା । ସ୍ୱାଧୀନତା ପରଠାରୁ ଦୀର୍ଘକାଳ କ୍ଷମତାରେ ରହିଥିବା କଂଗ୍ରେସ ଦଳଠାରୁ ଯେଉଁ ଘୋଡ଼ା ବେପାରର ଭୂତାଣୁ ଜନ୍ମ ନେଇଥିଲା ପରବର୍ତ୍ତୀ ସମୟରେ ଏହା ହୁଏତ ଅନ୍ୟ ଦଳକୁ ସଂକ୍ରମିତ କରିଛି ।


କ୍ରସ ଭୋଟିଂର ଅନ୍ୟ ଏକ କାରଣ ସ୍ୱରୂପ, ଯୋଗ୍ୟ ପ୍ରାର୍ଥୀଙ୍କୁ ରାଜ୍ୟସଭା ପାଇଁ ଟିକେଟ୍ ନ ଦେବା କଥା କୁହାଯାଉଛି । ଏହା ସମୟ ସମୟରେ ପରିଲକ୍ଷିତ ହୋଇଛି । ଦଳ ପାଇଁ ଝାଳ ବୁହାଇଥିବା ନେତାଙ୍କୁ ଅତୀତରେ ଟିକେଟରୁ ବଞ୍ଚିତ କରି ନୂଆ ମୁହଁକୁ ପ୍ରାର୍ଥୀ କରାଯାଇଛି । ୧୯୯୨ ରାଜ୍ୟସଭା ନିର୍ବାଚନରେ ଓଡ଼ିଶାରୁ ନୀଳମଣି ରାଉତରାୟ ଯୋଗ୍ୟ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ଯିବାକଥା ଆଲୋଚିତ ହେଉଥିଲା । ମାତ୍ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଜନତା ଦଳ ସୁପ୍ରିମୋ ବିଜୁ ପଟ୍ଟନାୟକ ନୀଳମଣି ବାବୁଙ୍କୁ ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ଶିଳ୍ପପତି ଇଲାପଣ୍ଡାଙ୍କୁ ଦଳୀୟ ଟିକେଟ୍ ଦେଇ ଜିତାଇଥିଲେ । ପ୍ରତିକ୍ରିୟା ସ୍ୱରୂପ ରାଜ୍ୟର ଦୁଇ ମହାରଥୀ ବିଜୁ ବାବୁ ଓ ନୀଳମଣି ବାବୁ ପରସ୍ପର ଉପରେ କାଦୁଅ ଫିଙ୍ଗିବା ସହିତ ଅତି ଅରୁଚିକର ମନ୍ତବ୍ୟମାନ ଦେଲେ, ଯାହା ଖବରକାଗଜର ମୁଖ୍ୟ ପ୍ରସଙ୍ଗ ହୋଇଥିଲା । ମାତ୍ର ବିଜୁବାବୁଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ଦଳ ଭିତରେ ବିଭାଜନ ହୋଇପାରି ନଥିଲା, ଯାହା ବର୍ତ୍ତମାନ ଘଟିବାର ଆଶଙ୍କା ଉପୁଜିଛି ।

ବିଜୁବାବୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଦୀର୍ଘ ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିବା ପରେ ଗତ ନିର୍ବାଚନରେ ପରାଜୟ ବରଣ କରି ମୁଖ୍ୟ ବିରୋଧୀ ଦଳ ଆସନରେ ଅଛନ୍ତି । ଗତ ସାଧାରଣ ନିର୍ବାଚନରେ ଦଳର ପରାଜୟ ପରଠାରୁ ବିଜେଡିର ଅନେକ ନେତା ତାଙ୍କ ନେତୃତ୍ୱକୁ ସମର୍ଥନ କରୁ ନଥିବା ଜଣାପଡ଼ିଛି । ବହୁ କର୍ମୀ ଦଳ ଛାଡ଼ିଛନ୍ତି । ଗତ ମାର୍ଚ୍ଚରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ପରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ତାଙ୍କ ବିଧାୟକ ପୁତ୍ର ସୌଭିକ ବିଶ୍ୱାଳଙ୍କ କୁଶପୁତ୍ତଳିକା ବାରମ୍ବାର ଦାହ କରାଯିବା ଘଟଣାକୁ ବହୁ









କର୍ପୋରେଟର ବିରୋଧ କରିଛନ୍ତି। ବିଜେଡିରୁ ବହିଷ୍କୃତ ପ୍ରଭାତ ଓ ନିଲମ୍ବିତ ସୌଭିକଙ୍କ ସହିତ 'ଆମେ ଅଛୁ ଓ ଆଗକୁ ରହିବୁ' ବୋଲି ଚୌଦ୍ୱାର-କଟକର ଅଧିକାଂଶ କର୍ପୋରେଟର ଦୃଢ଼ ଭାବେ କହିଛନ୍ତି। ଆବଶ୍ୟକ ପଡ଼ିଲେ ସେମାନେ ଏକାସାଙ୍ଗରେ ଦଳ ଛାଡ଼ିବାର ପରୋକ୍ଷ ଧମକ ଦେଇ ସାରିଛନ୍ତି। ପ୍ରଭାତ ବିଶ୍ୱାଳଙ୍କ ଘରେ ଏମାନଙ୍କ ରୁଦ୍ଧଦ୍ୱାର ବୈଠକ ଯୋଗୁଁ ଦଳରେ ଅସ୍ଥିରତା ସୃଷ୍ଟି କରିଛି। ବିଜେଡିରେ ବିଭାଜନର ଆଶଙ୍କା ତ ସୃଷ୍ଟି ହୋଇଛି, କଂଗ୍ରେସ ଦଳରେ ବିଭାଜନର ପଦଧ୍ୱନି ଶୁଭିଲାଣି !

ଏହି ଘୋଡ଼ା ବେପାର କଥା କହୁଥିବା ବିରୋଧୀଙ୍କ ନୀତିଗତ ଅସାମଞ୍ଜସ୍ୟତା ପୂର୍ବରୁ ଦେଖିବାକୁ ମିଳିଛି। ରାଜନୀତିରେ ଗୋଡ଼ ଟାଣିବା ଓ କାଦୁଅ ଫିଙ୍ଗିବା ଯଦିଓ ଆଜିର ନୁହେଁ, ରାଜନୈତିକ ଚତୁରତା ଓ କୂଟନୀତିର କଳାକୌଶଳକୁ ଯିଏ ଯେଉଁପରି ଭାବରେ ତୁଲାଇପାରିଲା, ସିଏ ସେତେ ସଫଳ ହୋଇପାରିଲା। ଶାସକଦଳ ଅନେକ ସମୟରେ ନିର୍ଦ୍ୱନ୍ଦ୍ୱରେ ବିଜୟ ଲାଭ କଲାବେଳେ, ଅନେକ ସମୟରେ ଝୁଣ୍ଟି ପଡ଼ିବା କିମ୍ବା ନିଜ ପାଖରେ ଯଥେଷ୍ଟ ଗାଣିତିକ ସଂଖ୍ୟା ଥାଇ ବି ଗୋଟିଚାଳନାରେ ଏପଟ ସେପଟ ହେଲେ ଆସନ ହାତରୁ ଖସିବା କିଛି ନୂଆ ନୁହେଁ। ଏଥର  କେବଳ ନୁହେଁ, ପୂର୍ବ ଇତିହାସ ଦେଖିଲେ, ଅନେକ ଅସମ୍ଭବ କାର୍ଯ୍ୟ ବି ଅଚିରେ ସମ୍ଭବ ହୋଇଛି। ଅନେକ ସମ୍ଭବ କଥା ବି ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। କିଣାବିକା କେତେ ସତ କେତେ ମିଛ, ଦେଇଥିବା ଲୋକ ଓ ନେଇଥିବା ଲୋକ ବିଚାର କରିବେ କିନ୍ତୁ ବୁଦ୍ଧିର ଯେଉଁ ରାଜନୈତିକ ଉପପାଦ୍ୟ ତିଆରି ହୁଏ, ଏ ଜାଲରେ ପଶିବା ଓ ବାହାରିବା ସମ୍ଭବ ମଧ୍ୟ ନୁହେଁ। ଯଥାର୍ଥରେ କୁହାଯାଇପାରେ ବୁଦ୍ଧିର ଘୋଡ଼ା ବେପାରରେ ଯିଏ ସୂକ୍ଷ୍ମ, କୂଟୀଳ ଓ ତୀବ୍ର ସମୀକରଣ ତିଆରି କଲା, ତାହାର ହିଁ ଜିତାପଟ ହେଲା।

**ପୋତାପୋଖରୀ, କଟକ, ମୋ-୯୮୬୧୩୨୪୯୭୪**




# ମନକୁ ଆସିଲା ଯାହା ୬୩

# ଆମକୁ କିଏ ପାରିବ.. ! !



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଗତକାଲି ଅଫିସର ସହକର୍ମୀ ଜଣେ କହୁଥିଲେ କଥାଟିଏ। ସହରର ଏକ ଦାମୀ ରେଷ୍ଟୁରାଣ୍ଟକୁ ଯାଇଥିଲେ ସେ ନିଜ ପରିବାର ସହ। ମନ ପସନ୍ଦର ଖାଇବା ଅର୍ଡର କରିଦେଲେ ସିନା, ୱେଟରଟି ମନା କରିଦେଲା ସଫା ସଫା। ଏସବୁ ଆଇଟମ୍ ଏବେ ମିଳିପାରିବ ନାହିଁ । କି ଅଜବ କଥା...!! ମେନ୍ୟୁରେ ଛାପା ହେଇଛି ପରା। ଏଥର ସେ କହିଲା, ରୋଷେଇ ପାଇଁ ଗ୍ୟାସ ମିଳୁନି। ହୋଟେଲ, ରେଷ୍ଟୁରାଣ୍ଟ ପାଇଁ ସରକାର କମର୍ସିଆଲ ଗ୍ୟାସ ବନ୍ଦ କରିଦେଲେଣି। ଏଥିରେ ଆମେ ଏତେଗୁଡେ ଆଇଟମ୍ କେମିତି ବନେଇବୁ। ତେଣୁ ବାଛି ବାଛି ସହଜରେ/କମ ଇନ୍ଧନରେ ରୋଷେଇ ହେଇପାରୁଥିବା ଚାଲୁ ଆଇଟମ୍ ଗୁଡିକ ହିଁ ବନେଇବୁ। ଆପଣ ଚାହିଁଲେ ଭାତ, ଡାଲି, ତରକାରୀ, ଭଜା ଓ ଖଟା, ଏମିତି ସାଧା ଖାଇବା ହିଁ ଅର୍ଡର କରିପାରିବେ। ଅଗତ୍ୟା ବନ୍ଧୁ ଜଣକ ନଖାଇ ଫେରିଆସିଲେ। ମାତ୍ର ତାଙ୍କ କହିବା ଅନୁସାରେ ଊଣାଅଧିକେ ସହରର ସମସ୍ତ ହୋଟେଲର ଅବସ୍ଥା ପ୍ରାୟ ସେୟା। କିଏ ଅନ୍ୟ ବିକଳ୍ପ ନପାଇ ଗୋଟେ ଓଳି ବନ୍ଦ କରିଦେଉଛି ତ କିଏ ଆଇଟମ୍ କମ କରିଦେଉଛି।

ଆଜି ଯାଇଥିଲି ଆମ ଅଫିସ କ୍ୟାଣ୍ଟିନକୁ। ସେଠିବି ତଦ୍ରୂପ ଅବସ୍ଥା। ଆଗରୁ ଥାଳୀରେ ୮-୯ ପ୍ରକାର ଆଇଟମ ଦିଶୁ ଥିଲାବେଳେ ଆଜି ମାତ୍ର ୪ ଟା ଆଇଟମ୍। ପଚାରିବାରୁ ଉତ୍ତର ମିଳିଲା, ଗ୍ୟାସ ନାହିଁ, ଅଧା ରୋଷେଇ ବନ୍ଦ। ଏତିକି ବେଳକୁ ପୁଣି ଘରେ ସିଲିଣ୍ଡର ସରିବାକୁ ଥିଲା। ବୁକିଂ କରିସାରି ଅପେକ୍ଷା କରିଛି, ଆଉ କେତେଦିନ ପରେ ଆସିବ ଜଣାନାହିଁ । ଭଲ ଯୁଦ୍ଧ ଲାଗିଲା ଯେ ମଧ ପ୍ରାଚ୍ୟରେ, ଆମ ଭାତ ଥାଳୀ ଉପରେ ମାଡ ପଡିଲା। ଖରା ପଡିଆସିଲାଣି, ପଖାଳ ଦିବସ ବି ପାଳନ ସରିଲାଣି। ଗ୍ୟାସ ସଂକଟ ସହ ଲଢିବାକୁ ୟେ ଆମର ଦେଶୀ ଯୁଗାଡ। ଓଳିଏ ରୋଷେଇ କର, ଆର ଓଳିପାଇଁ ପଖାଳ ରଖିଦିଅ। ତା'ସହ ଆଉ କଣ ଟିକେ କରିଦେଲେ କଥା ସରିଲା। କଥାରେ ଅଛି ଭୋକେ ଓଡିଆ ନିଦ ଯାଏ। ଏ ଜାତିଟି ଟିକେ ଖାଦ୍ୟ ପ୍ରିୟ। ଯେଉଁଠି ଠାକୁର ବି' ଛପନ ଭୋଗ ଖାଆନ୍ତି, ସେଠି ନିଦ ଆସିବା ପାଇଁ ପଖାଳ ପରି ସୁନ୍ଦର ବ୍ୟବସ୍ଥା। ହଁ, ଆଜିକାଲି ଲୋକେ ୟାକୁ ପ୍ରୋବାୟୋଟିକ ପରି ଔଷଧୀୟ ନାଁ ବି ଦେଲେଣି ପରା।

କଥା କଣକି ମାର୍ଚ୍ଚ ପ୍ରଥମ ସପ୍ତାହରୁ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି ଇସ୍ରାଏଲ ଓ ଆମେରିକା। ଏଣେ ମଧ୍ୟପ୍ରାଚ୍ୟରେ ହର୍ମୁଜ ପ୍ରଣାଳୀରେ ଲ୍ୟାଣ୍ଡମାଇନ ବିଛେଇ ବିଦେଶୀ ଜାହାଜ ପାଇଁ ବାଟ ବନ୍ଦ କରିରଖିଛି ଇରାନ। ଯେଉଁ ବାଟ ଦେଇ ବିଶ୍ୱର ଏକ ତୃତୀୟାଂଶ କଞ୍ଚା ତେଲ ରପ୍ତାନୀ ହୁଏ, ତାହା ବନ୍ଦ ହୋଇଯିବାରୁ ସାରା ବିଶ୍ୱରେ ତୈଳ ଓ ଗ୍ୟାସ ସଙ୍କଟ ଦେଖାଯିବା ସ୍ୱାଭାବିକ। ଯଦିଓ ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ଭାରତ ସରକାର ଏଯାବତ ଡିଜେଲ ଓ ପେଟ୍ରୋଲର ଦରବୃଦ୍ଧି କରିନାହାନ୍ତି ମାତ୍ର ବ୍ୟବସାୟିକ ସିଲିଣ୍ଡରର ଯୋଗାଣକୁ ନିୟନ୍ତ୍ରିତ କରିଛନ୍ତି। ସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣରେ ଅଛି ବୋଲି ସରକାର ଯେତେ କହିଲେ ବି, ଆମ ମନରେ ଛନକା ପଶୁଛି। ବସ୍ତ୍ର ଓ ବାସଗୃହରେ ସିନା ମଣିଷ ଟିକେ ଅସୁବିଧା ସହିନେବ ମାତ୍ର ପେଟର ଭୋକ ସମ୍ଭାଳିବ କେମିତି ?

ଏସବୁ କଥା ଆମେ ଚିନ୍ତା କଲା ବେଳକୁ ଆମ ଦେଶର ଲୋକେ ଆହୁରି ପାଦେ ଆଗୁଆ। ଏଲପିଜି ବା ରନ୍ଧନ ଗ୍ୟାସ ସିନା ସଙ୍କଟଜନକ ସ୍ଥିତି ଆଡକୁ ମୁହେଁଇଛି। ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିନେବାକୁ ଊଣା ଅଧିକେ ସଭିଁଏ ତୟାର। କିଏ ଇଣ୍ଡକସନ ଚୁଲୀ ନହେଲେ ଡିଜେଲ ଚୁଲାର କଥା କହିଲାଣି ତ' ଆଉ କିଏ ବୈଦ୍ୟୁତିକ ପ୍ରେସର କୁକର ନହେଲେ ଗୋବର ଗ୍ୟାସ କି ଏୟାର ଫ୍ରାୟର କଥା କହିଲାଣି। ଏନେକ ତ' ପୁଣି ସୌର ଉର୍ଜାରେ ରୋଷେଇ କରିବା କଥା କହି ପରିବେଶ ପ୍ରଦୁଷଣରୁ ମୁକ୍ତିର ବାଟ ଖୋଜିଲେଣି। ଏଇ ଭିତରେ ପୁଣି ଖବର ଆସିଛି ବିହାରର ଗୟା ନିକଟବର୍ତ୍ତୀ ବତସପୁର ଗାଁ' ରୁ। ଏଠି ସମସ୍ତଙ୍କ ସହଭାଗୀତାରେ ତିଆରି ହୋଇଛି ଏକ ବିରାଟ ଗୋବର ଗ୍ୟାସ ଟାଙ୍କୀ। ସେଠାରୁ ପାଇପ ମାଧ୍ୟମରେ ପ୍ରତିଟି ଘରକୁ ଯୋଗେଇ ଦିଆଯାଉଛି ରନ୍ଧନ ଗ୍ୟାସ। ଆଉ ଏଲପିଜି ସିଲିଣ୍ଡର ଉପରେ ନିର୍ଭର ନକରି ସଂପୂର୍ଣ୍ଣ ନିଜସ୍ୱ ଉଦ୍ୟମରେ ଏକ ଅଭିନବ ପରିକଳ୍ପନା କରିଛନ୍ତି ଗ୍ରାମବାସୀମାନେ, କେବଳ ଉର୍ଜା ସଂକଟର ସମାଧାନ ନୁହେଁ ସାମୁଦାୟୀକ ସହଭାଗିତା ମାଧ୍ୟମରେ ଜଟିଳ ସମସ୍ୟାର ସରଳ ସମାଧାନର ଏହା ଏକ ପ୍ରକୃଷ୍ଟ ଉଦାହରଣ ନିହେଁ କି.. ?

ଏଇଠି ପୁଣି ସାମ୍ନାକୁ ଆସିଛି ୟୁଟ୍ୟୁବରେ ମଜାଦାର ଭିଡିଓ ସବୁ। ମାନନୀୟ ପ୍ରଧାନମନ୍ତ୍ରୀଙ୍କର ପୁରୁଣା ଭିଡିଓ ଗୋଟେ, ଯେଉଁଥିରେ ସେ ଦେଶୀ ଯୁଗାଡ ମାଧ୍ୟମରେ ନାଳନର୍ଦ୍ଦମାରୁ ଗ୍ୟାସ ତିଆରି କରି ଚା' ବନେଇବାର କୌଶଳ କଥା କହିଛନ୍ତି, ତାକୁ ଭାଇରାଲ କରି ପ୍ରଧାନମନ୍ତ୍ରୀଙ୍କୁ ଲୋକହସା କରିବା ସହ ଅଶ୍ରାବ୍ୟ ଟିପ୍ପଣୀ ଦେବାକୁ ମଧ ପଛାଉନାହାନ୍ତି। ଅନ୍ୟ ଏକ ଭିଡିଓରେ କେଉଁ ଏକ ହଷ୍ଟେଲ/ମେସ୍‌ରେ ପିଲାମାନେ ଗରମ ଇସ୍ତ୍ରୀକୁ ଓଲଟାଓ ତାୱା ଭାବେ ବ୍ୟବହାର କରି ରୁଟି ସେକୁଛନ୍ତି ପୁଣି ଆଉ କେଉଁଠି ପାଣି ଗରମ କରିବାପାଇଁ ବ୍ୟବହୃତ ଇମର୍ସନ ହିଟରକୁ ବିପଜ୍ଜନକ ଭାବେ ତରକାରୀ ହାଣ୍ଡିରେ ବୁଡେଇ ରୋଷେଇ କରୁଛନ୍ତି। ଅନ୍ୟ ଏକ ଭାଇରାଲ ଭିଡିଓରେ ପେଟ୍ରୋଲ ଓ ପାଣିକୁ ମିଶାଇ ନିଆଁ ଜାଳି ଜଣେ ରୋଷେଇ କରୁଛନ୍ତି ତ' ଆଉ କେଉଁଠି ଝିଅଟିଏ ୪ ଟି ମହମବତୀ ଜଳେଇ ତା ଉପରେ କେଟିଲି ରଖି ଚା ବନଉଛନ୍ତି। ପିଲାଟିଏ ପୁଣି ଆଉପାଦେ ଆଗକୁ ଯାଇ ତୁରନ୍ତ ଖାଦ୍ୟ ଗରମ କରିବା ପାଇଁ ଚୁଲୀରେ କୁମ୍ଭି (ଅନାର)ଟିଏ ରଖିଦେଇଛନ୍ତି। ଏସବୁ ତ ଗଲା ମଜାଦାର କଥା। କେଉଁଝରରୁ ଆଉ ଗୋଟିଏ ଭିଡିଓ ଭାଇରାଲ ହେଉଛି ଯେଉଁଠି ବୁଢୀ ମାଉସୀଟିଏ ଚୁଲୀରେ ଜାଳିବା ପାଇଁ ଗୋବରଘଷି ସାଇତି ରଖିଛି ମାତ୍ର କେହି ମାଗିଲେ ଆଦୌ ଦେବନାହିଁ ବୋଲି ରୋକଠୋକ ମନା କରିଦେଉଛି। ଅବସ୍ଥା ଆସି ଏପରି ସ୍ଥରରେ ପହଞ୍ଚିଲାଣି।

ମୁମ୍ବାଇ ନିକଟବର୍ତ୍ତୀ ଉଲ୍ଲାସନଗର ସହରର କ୍ୟାଟେରିଂ ସର୍ଭିସମାନେ ଏକ ନୂଆ ସିଲିଣ୍ଡର ପ୍ଲାନ ଆପଣେଇଛନ୍ତି ଏଥିରେ ଆପଣ ବିବାହ କି ଅନ୍ୟକୌଣସି ଭୋଜିପାଇଁ ଅର୍ଡର ଦେଲେ, ନିଜ ସିଲିଣ୍ଡର ବ୍ୟବସ୍ଥା ନିଜେ କରିବାକୁ ହେବ। ରେଷ୍ଟୋୟାଙ୍କୁ ସିଲିଣ୍ଡର ମିଳୁ ନଥିବାରୁ ଅର୍ଡର ହାତ ଛଡା କାହିଁକି କରିବେ। ଦିଲ୍ଲୀର କିଛି ହୋଟେଲ 'ପ୍ରି-ଅର୍ଡର ପିକ'ପ ଷ୍ଟେସନ' ଆରମ୍ଭ କରିଛନ୍ତି। ଯଦି ପୂର୍ବରୁ ଅର୍ଡର କରାଯାଏ, ତେବେ ଏକ ପ୍ରକାରର ଅର୍ଡର ପାଇଁ ରୋଷେଇ ଏକାଥରେ କରିହେବ। ଜାଳେଣୀ ବଞ୍ଚେଇବାର କି ସୁନ୍ଦର ବ୍ୟବସ୍ଥା ଦେଖିଲେ। ଗୁଜୁରାଟର ସୁରତରେ କିଛି ଚା ଦୋକାନୀ ପାଣି ଗରମ ପାଇଁ ସୌର ଉର୍ଜା ବ୍ୟବହାର କରୁଛନ୍ତି। ସେମାନଙ୍କର ଟ୍ୟାଗ୍‌ଲାଇନ୍ 'ଆମେ ଦାମ ବଢାଉନାହୁଁ କାରଣ ସୂର୍ଯ୍ୟ କିରଣ ଆମକୁ ମୋଫତ ମିଳୁଛି', ଏବେ ଖୁବ ଲୋକପ୍ରିୟ ହୋଇପାରିଛି। ଏମିତି ପରିବେଶ ଅନୁକୂଳ 'ଗ୍ରୀନ କ୍ୟାଫେ'ର ଚାହିଦା ଅନେକ ବଢି ଯାଇଛି।

ପୁଣି କିଛି ହୋଟେଲ ଆରମ୍ଭ କରିଛନ୍ତି 'ମିନି ମିଲ୍ସ' ଅର୍ଥାତ କମ ଦାମରେ କମ ଖାଇବା ନହେଲେ '୧୦୦୦ କ୍ୟାଲୋରୀ ମିଲ୍', ଯେଉଁଥିରେ ଜାଳେଣୀର ଉପଯୋଗ ନକରି ମଧ ସତେଜ/କଞ୍ଚା ପରିବାର ସାଲାଡ, ସ୍ପ୍ରାଉଟ୍ସ କିମ୍ବା ଦରସିଝା ପରିବା ମଧ ଏକ ସନ୍ତୁଳିତ ଆହାର ହୋଇପାରେ। ହାଇଦ୍ରାବାଦରେ ଆରମ୍ଭ ହୋଇଛି ଏକ ନୂଆ ପ୍ରୟୋଗ, 'ଟାଇମଲାଇନ ମେନ୍ୟୁ'। ଆପଣଙ୍କୁ ଦିନରେ କେବଳ ୩ଥର, ହଁ, ଦିନ ୧୨ଟା, ଅପରାହ୍ନ ୪ଟା ଓ ରାତି ୮ ଟାରେ ହିଁ ଗରମାଗରମ ବିରିୟାନୀ ମିଳିବ। ମନଇଚ୍ଛା ଅର୍ଡର ନକରି ସେହି ସମୟକୁ ଅପେକ୍ଷା କରିରୁହନ୍ତୁ। ଏଥିରେ ଜାଳେଣୀ ତ ବଞ୍ଚିବ, ଆପଣଙ୍କ ଖାଇବାର ଅଭ୍ୟାସ ବି ସୁଧୁରିଯିବ। ଯାହାବି କୁହନ୍ତୁ, ସମସ୍ୟା ଯେତେ ବିକଟାଳ ହେଲେବି ଆମେ ଭାରତୀୟମାନେ ତାର ସରଳ ସମାଧାନଟିଏ ଖୋଜିନେବାର ଓସ୍ତାଦ। ଆମର ଦେଶୀ ଯୁଗାଡ ଆଗରେ ମଧ୍ୟପ୍ରାଚ୍ୟର ଯୁଦ୍ଧ ଓ ତଦଜନିତ ଗ୍ୟାସ ସଂକଟ ବି ଫେଲ୍ ମାରିଯିବ। ନା' କଣ କହୁଛନ୍ତି...!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ନେଚୁରାଲ ଫେସ୍ ବ୍ଲିଚ୍

**ଆଜିକାଲି ସୁନ୍ଦର ଦେଖାହେବାକୁ କିଏ ବା ପସନ୍ଦ ନକରନ୍ତି। ବିଶେଷକରି ଝିଅମାନେ ନିଜ ମୁଖମଣ୍ଡଳକୁ ସୁନ୍ଦର ରଖିବାକୁ ପସନ୍ଦ କରିଥାନ୍ତି। ପ୍ରତ୍ୟେକ ଦିନ ପ୍ରସାଧନ ବ୍ୟବହାର କରିବା ସହିତ ମଝିରେ ମଝିରେ ମୁହଁକୁ ବ୍ଲିଚ୍ କଲେ, ମୁହଁର ଉଜ୍ଜ୍ୱଳତା ଅଧିକ ଦେଖାଯାଏ। ଘରେ ପ୍ରାକୃତିକ ଉପାୟରେ ବ୍ଲିଚ୍ ପ୍ରସ୍ତୁତ କରି ପାରିବେ, ଯାହାର ପାର୍ଶ୍ୱ ପ୍ରତିକ୍ରିୟା ବେଶି କିଛି ଦେଖିବାକୁ ମିଳିବ ନାହିଁ ବରଂ ମୁହଁ ଅଧିକ ଉଜ୍ଜ୍ୱଳ ଦିଶିବ।**

-ନେଚୁରାଲ ଫେସ୍ ବ୍ଲିଚ୍ ବିଭିନ୍ନ ଉପାୟରେ ଘରେ ପ୍ରସ୍ତୁତ କରାଯାଇପାରିବ। କିଛି କମଳା ରସ ସହିତ ହଳଦୀ ମିଶାଇ ମୁହଁରେ ପ୍ରଲେପ କରନ୍ତୁ। ଏହାକୁ ୨୦-୩୦ ମିନିଟ୍ ପର୍ଯ୍ୟନ୍ତ ଶୁଖିବାକୁ ଛାଡ଼ିଦିଅନ୍ତୁ। ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଦେଖିବେ ମୁହଁ କେତେ ଚିକ୍କଣ ଦେଖାଯାଉଛି। ଏହାକୁ ପ୍ରତ୍ୟେକଦିନ କଲେ ଭଲ, ନଚେତ ସପ୍ତାହକୁ ୨/୩ଥର କରିପାରିବେ।



-ଅମୃତଭଣ୍ଡାକୁ ଗ୍ରାଇଣ୍ଡିଂ କରି ସେଥିରେ କିଛି ଲେମ୍ବୁରସ ମିଶାଇ ଦିଅନ୍ତୁ। ଏହାକୁ ମୁହଁରେ ମାରି ୨୦-୨୫ ମିନିଟ୍ ଛାଡ଼ିଦିଅନ୍ତୁ। ପରେ ଭଲଭାବରେ ପରିଷ୍କାର କରି କପଡ଼ାରେ ମୁହଁ ପୋଛି, ଦେଖନ୍ତୁ ମୁହଁ କେତେ ଚିକ୍କଣ ତଥା ସୁନ୍ଦର ହୋଇଯାଇଛି।

-ଏକ ଚାମଚ ହଳଦୀ ଓ ଏକ ଚାମଚ ମହୁ ନେଇ ଭଲ ଭାବରେ ଫେଣ୍ଟି ଦେଇ ମୁହଁରେ ଭଲ ଭାବରେ ଲଗାନ୍ତୁ। ଏହାକୁ କିଛି ସମୟ ଛାଡ଼ି ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଦେଖନ୍ତୁ ମୁହଁ କେତେ ସୁନ୍ଦର ଲାଗୁଛି!



-ଏକ ଚାମଚ ଗୋଲାପ ଜଳ ଓ ଏକ ଚାମଚ ଲେମ୍ବୁ ରସ ନେଇ ମିଶ୍ରଣ କରନ୍ତୁ। ଏହାକୁ ତୂଳା ଦ୍ୱାରା ମୁହଁରେ ପ୍ରଲେପ ଦିଅନ୍ତୁ। କିଛି ସମୟ ଛାଡ଼ି ମୁହଁ ଧୋଇ ଦେଖନ୍ତୁ, ଚେହେରାର କେତେ ଚମକତା ଆଣିଛି।


-ଏକ ଚାମଚ ଦହି ଓ ଏକ ଚାମଚ ବେସନ ନେଇ ଭଲ ଭାବରେ ଫେଣ୍ଟି ଦିଅନ୍ତୁ। ମୁହଁରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ପ୍ରାୟ ୨୦ମିନିଟ୍ ପରେ ମୁହଁକୁ ଭଲ ଭାବରେ ଧୋଇ ଦିଅନ୍ତୁ। ଦେଖିବେ କେତେ ସୁନ୍ଦର ହୋଇଯାଇଛି। ଏହି ଭଳି ପ୍ରତ୍ୟେକଦିନ କଲେ ଭଲ ଲାଭ ମିଳିବ।

ରୋଷେଇ ଘରୁ

# ଦହି ମାଛ

**ଆବଶ୍ୟକ ସାମଗ୍ରୀ:** ମାଛ, ଦହି, ହଳଦୀ ପାଉଡ଼ର, ଲୁଣ, କାଶ୍ମିରୀ ଚିଲ୍ଲି, ତେଲ, କଳା ସୋରିଷ, ଧଳା ସୋରିଷ, ରସୁଣ, ଅଦା, କଞ୍ଚାଲଙ୍କା, ଗୋଲମରିଚ ପାଉଡ଼ର, ଭୃସୁଙ୍ଗ ପତ୍ର, ଗୋଟା ମସଲା- (ଲବଙ୍ଗ, ଗୋଲମରିଚ, ଗୁଜୁରାତି, ଡାଲଚିନି, ତେଜପତ୍ର, ଚକ୍ରଫୁଲ), ଧନିଆପତ୍ର।

**ପ୍ରଣାଳୀ:** ପ୍ରଥମେ ମାଛକୁ ଧୋଇ ସେଥିରେ ଲୁଣ, ହଳଦୀ ପାଉଡ଼ର, କାଶ୍ମିରୀ ଚିଲ୍ଲି, ସୋରିଷ ତେଲ ଦେଇ ମ୍ୟାରିନେଟ୍ କରି ୧୦ମିନିଟ୍ ରଖନ୍ତୁ। ମସଲା ପ୍ରସ୍ତୁତ ପାଇଁ ଅଦା, ରସୁଣ, କଞ୍ଚାଲଙ୍କା, ଜିରା, କଳା ସୋରିଷ, ଧଳା ସୋରିଷକୁ ଗ୍ରାଇଣ୍ଡ କରିନେବେ। ଗୋଟିଏ ଗିନାରେ ୪ରୁ୫ ଚାମଚ ଗ୍ରାଇଣ୍ଡ କରିଥିବା ମସଲାକୁ ନେଇ ସେଥିରେ ପାଣି ମିଶାଇ ରଖନ୍ତୁ। ପ୍ୟାନ୍‌ରେ ତେଲ ଗରମ ହେଲେ ମ୍ୟାରିନେଟ୍ କରି ରଖିଥିବା ମାଛକୁ ହାଲୁକା ଭାଜିବେ। ଗିନାରେ ଦହି ବଡ଼ ଚାମଚ, ଗୋଲମରିଚ ପକାଇ ଭଲ ଭାବେ ଗୋଳେଇ ନିଅନ୍ତୁ। ଏଥିରେ ଗ୍ରାଇଣ୍ଡ କରିଥିବା ମସଲାକୁ ଅଳ୍ପ ପାଣି ମିଶାଇ ଏହି ପେଷ୍ଟକୁ ଛଣା ସାହାଯ୍ୟରେ ଛାଣି ନେବେ। ସେହି ପ୍ୟାନ୍‌ରେ ତେଲ, ସୋରିଷ, ଗୋଟା ମସଲା, ଭୃସୁଙ୍ଗ ପତ୍ର, କାଟି ରଖିଥିବା କଞ୍ଚାଲଙ୍କା ହାଲୁକା ଭାଜି ସେଥିରେ ୨ଚାମଚ ପାଣି ଦିଅନ୍ତୁ। ଗ୍ୟାସ୍‌କୁ ଧିମା ଆଞ୍ଚରେ ରଖି ସେଥିରେ ଦହି ମସଲା ପେଷ୍ଟକୁ ଦେଇ ୩ରୁ୪ ମିନିଟ୍ ଗୋଳାଇବେ। ମସଲା ଫୁଟିବା ପରେ ସେଥିରେ କାଟି ରଖିଥିବା ଧନିଆପତ୍ର, ଲୁଣ, ମାଛ ଭଜାକୁ ପକାଇ ୨ମିନିଟ୍ ଫୁଟାଇ ନିଅନ୍ତୁ। ଏହି ଦହି ମାଛକୁ ଭାତ, ରୁଟି ସହିତ ଖାଇପାରିବେ।



## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ:** ସପ୍ତାହଟି ବ୍ୟବସାୟରେ ସାବଧାନ ରହିବା ଆବଶ୍ୟକ। କର୍ମକ୍ଷେତ୍ରରେ ଅଶାନ୍ତି ଦେଖା ଦେଇପାରେ। ସାମାଜିକ ମାନସମ୍ମାନ ବୃଦ୍ଧି ପାଇପାରେ। ଆଲୋଚନା ଦ୍ୱାରା ବିବାଦର ସମାଧାନ ହେବ।

**ବୃଷ:** ସପ୍ତାହଟି ଚାକିରି କ୍ଷେତ୍ରରେ ଉନ୍ନତି ହେବ। ବନ୍ଧୁଙ୍କ ଦ୍ୱାରା ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ଅଶାନ୍ତି ଦୂର ହେବ। ଶାରୀରିକ ସୁସ୍ଥତା ବୃଦ୍ଧି ପାଇବ। ମହିଳାମାନେ ସୁଖୀ ହେବେ ଏବଂ ସଫଳତା ଲାଭ କରିବେ।

**ମିଥୁନ:** ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ଆକସ୍ମିକ ଧନଲାଭ ହେବ। ବ୍ୟବସାୟରେ ଲାଭବାନ ହେବେ। ଶାରୀରିକ ସୁସ୍ଥତା ବୃଦ୍ଧି ପାଇବ। ପାରିବାରିକ ଶାନ୍ତି ମିଳିବ। ଶତ୍ରୁମାନେ ପରାଜିତ ହେବେ।

**କର୍କଟ:** ସପ୍ତାହଟି ବ୍ୟବସାୟରେ ଲାଭକ୍ଷତି ସମାନ ରହିବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ଶତ୍ରୁମାନେ ପରାଜିତ ହେବେ। ବିଭିନ୍ନ ସମସ୍ୟାର ସମାଧାନ ହୋଇପାରେ।

**ସିଂହ:** ସପ୍ତାହଟି କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଆର୍ଥିକ ଅଭାବ ଦେଖା ଦେଇପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଶାରୀରିକ ଅସୁସ୍ଥତା ଦେଖା ଦେଇପାରେ। ମହିଳାମାନେ ସୁଖୀ ହେବେ।

**କନ୍ୟା:** ସପ୍ତାହଟି ବନ୍ଧୁଙ୍କ ଦ୍ୱାରା ବ୍ୟବସାୟରେ ଉନ୍ନତି ହେବ। ନୂତନ ଦ୍ରବ୍ୟ ଲାଭ ହେବ। ସାମାଜିକ ପ୍ରତିଷ୍ଠା ମିଳିବ। ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହେବ। ଶାରୀରିକ ସୁଖ ଅନୁଭବ କରିବେ।

**ତୁଳା:** ସପ୍ତାହଟି ଧନ ସମ୍ପତ୍ତି ବୃଦ୍ଧି ପାଇବ। ବ୍ୟବସାୟରେ ଲାଭବାନ ହେବେ। ଶତ୍ରୁମାନେ ପରାଜିତ ହେବେ। ପାରିବାରିକ ସୁଖ ବୃଦ୍ଧି ପାଇବ। ସାମାଜିକ ମାନସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ଧର୍ମକାର୍ଯ୍ୟରେ ମନ ବଳାଇବେ।

**ବିଛା:** ସପ୍ତାହଟି ବିଭିନ୍ନ ସମସ୍ୟାର ସମାଧାନ ହେବ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଲାଭ ହେବ। ଅଧିକ ଅର୍ଥବ୍ୟୟ ହୋଇପାରେ। ପାରିବାରିକ ଅଶାନ୍ତି ବୃଦ୍ଧି ହେବ।

**ଧନୁ:** ସପ୍ତାହଟି କର୍ମକ୍ଷେତ୍ରରେ ସମ୍ମାନ ହାନୀ ହୋଇପାରେ। ବ୍ୟବସାୟରେ କ୍ଷତି ସହିପାରନ୍ତି। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ଅର୍ଥବ୍ୟୟ ହେବ। ମହିଳାମାନେ ଅଶାନ୍ତିରେ ରହିବେ।

**ମକର:** ସପ୍ତାହଟି ବ୍ୟବସାୟରେ ବାଧାବିଘ୍ନ ଦୂର ହେବ। କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ବନ୍ଧୁ ସହଯୋଗ ପାଇବେ। ଗୃହ ନିର୍ମାଣର ସୁଯୋଗ ଆସିପାରେ। ମହିଳାମାନେ ସୁଖୀ ହେବେ। ଛାତ୍ରଛାତ୍ରୀ ଶିକ୍ଷାରେ ଉପକୃତ ହେବେ।

**କୁମ୍ଭ:** ସପ୍ତାହଟି ସାମାଜିକ ମାନସମ୍ମାନ ବୃଦ୍ଧି ପାଇପାରେ। ଆକସ୍ମିକ ଧନଲାଭ ହୋଇପାରେ। କୌଶଳ ଦ୍ୱାରା ବ୍ୟବସାୟରେ ଲାଭବାନ ହେବେ। ଶାରୀରିକ ଅସୁସ୍ଥତା ଦେଖା ଦେଇପାରେ। ମହିଳାମାନେ ଅର୍ଥବ୍ୟୟରେ ମନ ବଳାଇବେ।

**ମୀନ:** ସପ୍ତାହଟି ଚାକିରି କ୍ଷେତ୍ରରେ ଚିନ୍ତିତ ରହିବେ। ବ୍ୟବସାୟରେ ଲାଭବାନ ହୋଇପାରନ୍ତି। ଅର୍ଥଲାଭ ହୋଇପାରେ। ଶତ୍ରୁମାନେ ପରାଜିତ ହେବେ। ବିଭିନ୍ନ ସମସ୍ୟାର ସମାଧାନ ହେବ। ମାନ ସମ୍ମାନ ବୃଦ୍ଧି ପାଇବ।

ସଂସ୍କୃତି ଓ ପରମ୍ପରା

# ଅଲୌକିକ ଶକ୍ତିର ପୀଠ ବାବା ଶ୍ରୀ ଶ୍ରୀ ଇଷ୍ଟଦେବ ବାଲୁଙ୍କେଶ୍ୱର ମହାଦେବ



ଉତ୍କୃଷ୍ଟ କଳାର ଦେଶ ଆମ ଉତ୍କଳ ଭୂଖଣ୍ଡ। ଆମ କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଐତିହ୍ୟ, ମହନୀୟତା ବିଶ୍ୱ ବନ୍ଦିତ। ପୁରାତନ କୃତୀ ଓ କୀର୍ତ୍ତିରାଜିକୁ ବଞ୍ଚାଇ ରଖିବା ସହ ସବୁ ପ୍ରଥା ପରମ୍ପରାକୁ ପାଳନ କରି ଜୀବନଚର୍ଯ୍ୟାକୁ ସରସ ସୁନ୍ଦର କରିବା ଅପରିହାର୍ଯ୍ୟ। ଆମ ଚତୁଃପାର୍ଶ୍ୱରେ ଅନେକ ମଠ ମନ୍ଦିର ବା ପୁରାତନ କିମ୍ବଦନ୍ତୀ ରହିଛି ତାହା ସମୟର ଗର୍ବ ଓ ଗୌରବ। ସମସ୍ତ ପୁରାତନ କୀର୍ତ୍ତି, ସଂସ୍କୃତିକୁ ବଞ୍ଚାଇ ରଖିବା ଆମ ସମୟର ଏକ ବଡ଼ ଆହ୍ୱାନ। ସେହିଭଳି କଟକ ଜିଲ୍ଲା କଟକ ସଦର ବ୍ଲକ୍ ୪୨ ମୌଜା ଥାନା କଳପଡା ଗ୍ରାମ ପଞ୍ଚାୟତ ଉପକଣ୍ଠ ଦେଉଳି ଗ୍ରାମରେ ଶ୍ରୀ ଶ୍ରୀ ଇଷ୍ଟଦେବ ବାବା ବାଲୁଙ୍କେଶ୍ୱର ମହାଦେବ ପାତାଳ ଫୁଟ ଲିଙ୍ଗ ରୂପେ ବିଦ୍ୟମାନ। ସ୍ୱପ୍ନବେଶେ ବାବା ଆବିର୍ଭାବ ହେବା ଆଦି ଅନେକ ଜନମତ ରହିଛି। ସେ ମଙ୍ଗଳମୟ, ଜଗତର ମଙ୍ଗଳ ନିମନ୍ତେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସର୍ବଭକ୍ତଙ୍କ ପ୍ରିୟ ଆରାଧ୍ୟ ଦେବତା। ସେ ସର୍ବଶକ୍ତିମାନ, ସର୍ବବ୍ୟାପ୍ତ, ସର୍ବଶ୍ରେଷ୍ଠ, ସର୍ବଦ୍ରଷ୍ଟା, ସର୍ବକର୍ତ୍ତା, ସର୍ବକଲ୍ୟାଣକାରୀ, ସର୍ବକାରଣ ଓ କାରକ ଭକ୍ତ ମନୋବାଞ୍ଛା ପୂର୍ଣ୍ଣକାରୀ ପ୍ରଭୁ। ତାଙ୍କ ନାମ ସର୍ବରୋଗ ନିବାରଣକାରି,ସର୍ବମୌଶଧି.ଅମୋଘ ଅସ୍ତ୍ର। ବହୁ ପୁରାତନ ଠାକୁର ଏହି ଅଞ୍ଚଳର ସର୍ବଶ୍ରେଷ୍ଠ ପ୍ରାୟତଃ ୩୩୦ ବର୍ଷ ତଳର କଥା ଲୋକାଚାର ମତେ ନଦୀରେ ସିଢ଼ି ପକାଇ ଚାଲୁଥିବାରୁ ନାମଟି ସିଢୁଆ। ଠିକ୍ ସିଢୁଆର ଦକ୍ଷିଣ ପଟୁ ଏକଗାର ମଧୁରି ଲଟା ମାଡିଥିବା ଏକ ହୁଙ୍କା ଉପରେ କ୍ଷୀର ଆପେ ଆପେ ନିର୍ଗତ କରୁଥିବାରୁ ଦୃଶ୍ୟ ଏବଂ ପ୍ରଭୁଙ୍କ ସ୍ୱପ୍ନ ଦେଶ ଏହି ନିଘଞ୍ଚ ଜଙ୍ଗଲ ମଧ୍ୟରେ ୪୨ ମୌଜା ଦେଉଳି ଗ୍ରାମ ଖନନ କରିବା ପରେ ପ୍ରଭୁ ଆବିର୍ଭାବ ହେଲେ। ଅଷ୍ଟଦଳ ପଦ୍ମସହ ଶକ୍ତି ଓ ଲିଙ୍ଗ ବହୁ ପୁରାତନ ଜ୍ୱଳନ୍ତ ପ୍ରମାଣ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଥିଲା ସେଦିନ। ପ୍ରଭୁଙ୍କ କୃପାରୁ, ପୁରାତନ ରୋଗୀ ଦୂରଦୂରାନ୍ତକୁ ଆସି ଭଲ ହେବା, ଗ୍ରହରିଷ୍ଟ ଖଣ୍ଡନ ହେବା, ସନ୍ତାନସନ୍ତିତି ନହେଉଥିଲେ ପ୍ରାପ୍ତି ହେବା ଅସମ୍ଭବକୁ ସମ୍ଭବ କରିବା, ପ୍ରଭୁଙ୍କ ଲୀଳାର ବହୁ ପ୍ରମାଣିତ। ପ୍ରଭୁଙ୍କ ନିକଟେ ଜଳାଭିଷେକ, କ୍ଷୀର ଅଭିଷେକ, ରୁଦ୍ରାଭିଷେକ, ତ୍ରିଶାଖା ବେଲପତ୍ର, କ୍ଷୀର ସମିପତ୍ର, ଦୁଦୁରାଫୁଲ ଫଳ, ଗଇସ, ଟଗର, ଅରଖ, ପଦ୍ମପୁଷ୍ପ, ପୁଷ୍ପମାଲ୍ୟ, ତୁଳସୀ ମଞ୍ଜରୀ, କର୍ପୁର, ଚନ୍ଦନ, ଗୁର, ଦୂର୍ବା,  ବଦରି, ଅକ୍ଷତ, ଆଖୁରସ, ରୁଦ୍ରାକ୍ଷ, ଘର୍ଷଣଭୋଗ, ଧୂପ, ଦୀପ, ନୈବେଦ୍ୟ, କଦଳୀ, ଶ୍ରୀଫଳ, ସେଓ, ବେଦନା, ନାସପାତି, ଯାଇତ୍ରି, ଜାଇଫଳ, ଗୋଟା ପାନ, ଗୁଆ, ଗୁଜୁରାତି, ଲବଙ୍ଗ ସମର୍ପଣ କରି ପୂଜାର୍ଚ୍ଚନା କରାଯାଇଥାଏ। ତାଙ୍କ କରୁଣାରେ ସମସ୍ତ କାର୍ଯ୍ୟ ନିଶ୍ଚିତ ଫଳପ୍ରଦ ହୋଇଥାଏ। ଗୋଘୃତରେ ଆହୁତି ଆହୁରି ଅତୀବ ଫଳପ୍ରଦ ବହୁ ପରୀକ୍ଷିତ। ନିଶାର୍ଦ୍ଧ ରାତିରେ ଏକ ବିରାଟ ଅଗ୍ନି ପିଣ୍ଡୁଳା ବୁଲିବା, ମନ୍ଦିର ଭିତରେ ସୁ ସୁ ଗର୍ଜନ ହେବା, ଲିଙ୍ଗ ସଂଲଗ୍ନ ପାଦୁକ ଗର୍ଭରୁ ଗବ ଗବ ହୋଇ ଭୁଟିର ଆବିର୍ଭାବ ହେବା, ଅନ୍ତର ଆତ୍ମାକୁ ଭୟ ଓ ଭାବ ଭକ୍ତ ଜାଗ୍ରତ ହୋଇଥାଏ। ପ୍ରଭୁଙ୍କର ବିଭିନ୍ନ ଲୀଳା ଖେଳା ଦୃଶ୍ୟମାନ ଭୁକ୍ତଭୋଗି ସେବକ ମାନେ କହିଥାନ୍ତି ଓ ଅନେକ ଭକ୍ତଙ୍କ ମୁଖରୁ ଶୁଣା ଯାଇଥାଏ। ପ୍ରଭୁଙ୍କର ନୀତିକାନ୍ତି ସେବାରେ ନଅ ଘର ସେବକ ନିଯୋଗ ଅଛନ୍ତି। ଏକାକ୍ଷାର ବ୍ରହ୍ମ ନାମ ଶୈବ ଯାହାଙ୍କୁ ଅନ୍ତର ଆତ୍ମାରୁ ଡାକିଲେ ମିଳେ ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ, ଅର୍ଥ, କାମ, ମୋକ୍ଷ, ସତଶିକ୍ଷା, ସଦଜ୍ଞାନ, ସତ୍ ଚେତନା, ସତ ଧାରଣା, ସ୍ୱାଧାୟ, ସେବା ସଂଯମ, ଭକ୍ତି, ଜାଗ୍ରତ ହୋଇ ଦିବ୍ୟଚକ୍ଷୁ ଖୋଲିଥାଏ। ପ୍ରଭୁଙ୍କ ମହିମା ମାହାତ୍ମ୍ୟ ଅବର୍ଣ୍ଣନୀୟ । ପ୍ରଭୁଙ୍କ ପିଠେ ରାମଲୀଳା, ପୁରାଣ ପାଠତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ, ଜାଗର ମହାଦୀପ, ଶ୍ରୀ ରାମନବମୀ, ଦକ୍ଷିଣୀ ସଂକୀର୍ତ୍ତନ, ଭାଗବତ ଜନ୍ମ, ଦୋଳ ଯାତ୍ରା, ହୋଲିପର୍ବ, ରାହାସ ଲୀଳା, ଶିବ ବିବାହ, ଶୀତଳଷଷ୍ଠୀ, ହରିହର ଭେଟ, ଦୋଳ ପୂର୍ଣ୍ଣିମା, ଲଉଡି ଖେଳ, ବଡ଼ ଓଷା, ବୈଶାଖ ପୂର୍ଣ୍ଣିମା, ପଣା ଓ ଅନେକ ଓଷା ବ୍ରତ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୁଙ୍କ ପୀଠେ ହେବା ସହ ପ୍ରସାଦ ସେବନ ପୂର୍ଣ୍ୟପର୍ବ ଲାଗି ରହିଥାଏ। ଓଁ ବାଲୁଙ୍କେଶ୍ୱର ଭାବାର୍ଥ ଏହିପରି-




ଓଁ - ଓଁ କାର ମୂରତି ପ୍ରଭୁ ଜୟ ସୃଷ୍ଟିକର୍ତ୍ତା,
ଓଁ ଅକ୍ଷର ଶ୍ରେଷ୍ଠ ମନ୍ତ୍ର ଗତି ମୁକ୍ତି ଦାତା,
ବା - ବାବା ଦୟାଳୁ ଠାକୁର ଭକତ ବସ୍ଛଳ
ବାର ତୀର୍ଥେ ରହି ଦୁଃଖ ନିବାର ସକଳ
ଲୁ - ଲୁହ ଲହୁ ଏକ କରି ଡାକେ ଯେ ତୁମ୍ଭଙ୍କୁ
ଲୁଚେ କ୍ଷମଦଣ୍ଡ ଲଭେ କୈଳାସ ପୁରକୁ
ଙ୍କେ - କେମନ୍ତେ ରହିବେ ସର୍ବେ ବିଷ ପାନ କଲ
କେତେ କଷ୍ଟେ ସୃଷ୍ଟି ରଖି ନୀଳ କଣ୍ଠ ହେଲ
ଶ୍ୱ - ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ହୁଏ ଜୟଧ୍ୱନି
ସର୍ବଦେବ ସ୍ତୁତି କଲେ ଅଟ ମହାଜ୍ଞାନି
ର - ରହିଛି ରହିଲା ଯଶ ଯୁଗ ଯୁଗ ଧରି
ରଖି ଅଛ ପତିତଙ୍କୁ କରିଲେ ଗୁହାରି।

ମନ୍ଦିରର ପାର୍ଶ୍ୱ ଦେବାଦେବୀ ଭାବେ ପ୍ରଭୁଙ୍କର ଦକ୍ଷିଣ ଭାଗରେ ଅଛନ୍ତି ଜଗତକୁ ଶିକ୍ଷା ପ୍ରଦାନ କରିଥିବା ମାତାପିତାଙ୍କୁ ଶ୍ରେଷ୍ଠ ମଣିବା, ମାତୃପିତୃଙ୍କ ଚତୁଃପାର୍ଶ୍ୱ ବୁଲିବାମାନେ ସମ୍ପୂର୍ଣ୍ଣ ପୃଥିବୀ ଭ୍ରମଣ କରିବା ସଙ୍ଗେ ସମାନ ଏହି ମହନୀୟ ଚିନ୍ତା ଚେତନାକୁ ପାଥେୟ କରି ଅଗ୍ରପୂଜ୍ୟ ହେଲେ ସର୍ବେ ଦେବା ଦେବୀଙ୍କ ମଧ୍ୟେ ଗଜାନନ ମହାପ୍ରଭୁ ଓ ବାହନ ମୂଷିକ, ଠିକ୍ ପଶ୍ଚିମ ପାର୍ଶ୍ୱରେ କାର୍ତ୍ତିକେଶ୍ୱର ମହାପ୍ରଭୁ ବିରାଜମାନ ଯାହାଙ୍କ ବାହନ ହେଲେ ମୟୂର ପ୍ରଭୁଙ୍କର ବାମ ପାର୍ଶ୍ୱରେ, ଉତ୍ତର ଦିଗରେ ସ୍ୱର୍ଣ୍ଣିଳ ଉର୍ଣ୍ଣନି ମାତା ପାର୍ବତୀ ଦେବୀ ସିଂହବାହିନୀରେ ବିରାଜମାନ। ଆଶ୍ଚର୍ଯ୍ୟ କଥା ସର୍ବେ ଖାଦ୍ୟ ଓ ଖାଦକ କିନ୍ତୁ କେହି କାହାର କ୍ଷତି ନକରି ଭକ୍ତଙ୍କ ମଙ୍ଗଳ ନିମନ୍ତେ ସର୍ବଦା ଉଜାଗର ଥାଆନ୍ତି। ଏହି ବାଲୁଙ୍କେଶ୍ୱର ମନ୍ଦିର ନାମରେ ଦେଉଳି ଗ୍ରାମରେ ୧୯୬୨ ଓ ୧୯୬୩ ସାଲରେ ବାଲୁଙ୍କେଶ୍ୱର ମଧ୍ୟ ଇଂରାଜୀ ଓ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଦେଉଳି ନାମରେ ହାଇସ୍କୁଲ ପ୍ରତିଷ୍ଠା ଲାଭ କରିଥିଲା। ଏହି ବିଦ୍ୟାପୀଠ ଆମ ବିକଶିତ ମାନବର ଯୁଗର ଭିନ୍ନ ଏକ ସତ୍ୟବାଦୀ ବନ ବିଦ୍ୟାଳୟ। ଉକ୍ତ ମନ୍ଦିରରେ ପୂଜା ପାଠ କରୁଥିବା ପୂଜକ ସମ୍ପ୍ରଦାୟର ବରିଷ୍ଠ ପୂଜକ, ଆଧାତ୍ମିକପ୍ରାଣ, ସାରସ୍ୱତ ସାଧକ ତଥା କବି ସେବାୟତ ଜୟକୃଷ୍ଣ ନାୟକ ଏବଂ ଅନ୍ୟ ସମସ୍ତ ସହଯୋଗୀ ପୂଜ୍ୟକମାନଙ୍କ ସହଯୋଗରେ ଏହି ପୀଠଟି ଅଧିକ ଗୌରବାମୟ ହୋଇପାରିଛି।

**ପ୍ରସ୍ତୁତି - ଇଂ. ସେବକ ଶ୍ରୀକାନ୍ତ**
**ସରସ୍ୱତୀ କଳା ପରିଷଦ, କନ୍ଦରପୁର, କଟକ ସଦର, କଟକ**
**ମୋ - ୯୮୧୯୪୮୮୯୫୪**

ମନୋରଞ୍ଜନ




ଧୁରନ୍ଧର ପରେ

# ଆଉ ଏକ ପ୍ରୋଜେକ୍ଟରେ ସଞ୍ଜୟ ଦତ୍ତ

ଆଦିତ୍ୟ ଧରଙ୍କ ଧୁରନ୍ଧରରେ ଏସପି ଚୌଧୁରୀ ଅସଲାମ ଭୂମିକାରେ ସଞ୍ଜୟ ଅଭିନୟ କରି ନିଜର କ୍ରେଜ୍ ବଢ଼ାଇବା ପରେ ସେ ଆଉ ଏକ ବଡ଼ ବ୍ୟାନରରେ ଭିନ୍ନ ଭୂମିକାରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣକୁ ଆସିବେ ବୋଲି ଜଣାପଡ଼ିଛି । ଯାହା ମେ ମାସରେ ରିଲିଜ୍ ହେବା କଥା ଜଣାଯାଇଛି । ଏହି ଘୋଷଣାକୁ ନେଇ ଏକ ଚମତ୍କାର ପୋଷ୍ଟର ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ଏହାର କେନ୍ଦ୍ରବିନ୍ଦୁରେ ବିଶାଳ ପ୍ରଶ୍ନ ଚିହ୍ନ ସହିତ ଡିଜାଇନ୍ ହୋଇଥିବା, ଖବରକାଗଜ କ୍ଲିପିଂ ମଧ୍ୟରେ ସଞ୍ଜୟଙ୍କ ଗାମ୍ଭୀର୍ଯ୍ୟ ଚେହେରା ଅନେକ କିଛି ଅସମାହିତ ପ୍ରଶ୍ନର ଉତ୍ତରକୁ ଅପେକ୍ଷା କରିବା ଭଳି ଲାଗୁଛି । ୧୯୨୫ ମସିହାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତିଷ୍ଠା କରିବା ପଛରେ ଡା. କେଶବ ବଳିରାମ ହେଡ଼ଗେୱାର ଯେଉଁ ବଳିଦାନ, ତ୍ୟାଗ, ତିତିକ୍ଷା ଦେଇଥିଲେ, ଏହା ଶହେ ବର୍ଷର ପ୍ରତିଫଳନ ଭାବରେ ସେ ସମୟରର ସଂଘର୍ଷମୟ ବିଷୟବସ୍ତୁକୁ ଉପସ୍ଥାପନା କରିବାରେ ସକ୍ଷମ ହୋଇପାରିବ ବୋଲି ଏହାର ପ୍ରଯୋଜକ କହିଛନ୍ତି । 'ଭାରତ କେବେ ପ୍ରଶ୍ନ ପଚାରିବା ବନ୍ଦ କରି ନାହିଁ' ଏକ ଟ୍ୟାଗ୍ ଲାଇନ ମଧ୍ୟ ପୋଷ୍ଟରରେ ଦିଆଯିବା ଦେଖାଯାଇଛି ।

ଏଥିରେ ଅମିତ ସାଧ, ନାମାସି ଚକ୍ରବର୍ତ୍ତୀ, ସମୀରା ରେଡ୍ଡୀ, ତ୍ରିଧା ଚୌଧୁରୀ ଏବଂ ନୀତୁ ଚନ୍ଦ୍ରାଙ୍କ ସମେତ ବହୁ ପ୍ରଭାବଶାଳୀ କଳାକାର ରହିଛନ୍ତି । ସୋସିଆଲ ମିଡିଆରେ ସଞ୍ଜୟ ଲେଖିଛନ୍ତି, 'ଯେଉଁ ପ୍ରଶ୍ନ ଭାରତ କେବେ ପଚାରିବା ବନ୍ଦ କରି ନାହିଁ', ସେହି ପ୍ରଶ୍ନର ଉତ୍ତର ୧୫ ମେରେ ସିନେମା ମାଧ୍ୟମରେ ହିଁ ପାଇପାରିବେ ଦର୍ଶକ । ତାଙ୍କ ପୋଷ୍ଟରେ ସଞ୍ଜୟଙ୍କ ପତ୍ନୀ ମାନ୍ୟତା ଦତ୍ତ ଫାୟାର ଇମୋଜି ପୋଷ୍ଟ କରିଥିଲେ, ଯାହା ପ୍ରଶଂସକମାନେ ଅଧିକ ଉତ୍ସାହ ଥିବା ଦେଖାଯାଇଛି ।





# ନେଟଫ୍ଲିକ୍ସରେ ରିଲିଜ୍ ହେବ ଟୋଷ୍ଟର

ବିବେକ ଦାସ ଚୌଧୁରୀଙ୍କ ନିର୍ଦ୍ଦେଶିତ ଟୋଷ୍ଟର ନେଟଫ୍ଲିକ୍ସରେ ରିଲିଜ୍ ହେବ । ବିବାହ ପରେ ଅପ୍ରତ୍ୟାଶିତ ବିଶୃଙ୍ଖଳା ଉପରେ ଆଧାର କରି ଏହି ଫିଲ୍ମଟି ନିର୍ମାଣ କରାଯାଇଛି । ଏହି ଚଳଚ୍ଚିତ୍ରଟି ଏପ୍ରିଲ୍ ୧୫, ୨୦୨୬ରେ ଷ୍ଟ୍ରିମିଂ ପ୍ଲାଟଫର୍ମରେ ପ୍ରିମିୟର୍ ହେବାର କାର୍ଯ୍ୟକ୍ରମ ରହିଛି । ଏହାର କାହାଣୀ ଏକ ନିର୍ଦ୍ଦିଷ୍ଟ ଉପହାର, ଟୋଷ୍ଟର ଉପରେ ଏକ ଛୋଟ ଫିକ୍ସିଂରୁ ଆରମ୍ଭ ହୁଏ । ଏହି ଚଳଚ୍ଚିତ୍ରଟି ପତ୍ରଲେଖାଙ୍କ ପାଇଁ ଏକ ବୃତ୍ତିଗତ ମାଇଲଖୁଣ୍ଟ । ରାଜକୁମାର ରାଓଙ୍କ ବ୍ୟାନର, କାମ୍ପା ଫିଲ୍ମ ଅଧୀନରେ ପ୍ରଥମ ପ୍ରଡ଼କ୍ସନ ଅଟେ । ଏହି ପ୍ରୋଜେକ୍ଟରେ ଅର୍ଚ୍ଚନା ପୁରଣ ସିଂ, ଅଭିଷେକ ବାନାର୍ଜୀ, ଫରାହ ଖାନ, ଉପେନ୍ଦ୍ର ଲିମାୟେ, ବିନୋଦ ରାୱତ, ଜିତେନ୍ଦ୍ର ଯୋଶୀ, ଏବଂ ସୀମା ପହୱା ସମେତ ରାଜକୁମାର ରାଓ ଏବଂ ସାନିଆ ମାଲହୋତ୍ରା ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରର କାହାଣୀ ଏବଂ ସ୍କ୍ରିନ୍ ସ୍କ୍ରିପ୍ଟ ପରଭେଜ୍ ଶେଖଙ୍କୁ ପ୍ରଦାନ କରାଯାଇଛି, ଅକ୍ଷତ ଘିଲ୍ଡିଆଲ୍ ଏବଂ ଅନଗ ମୁଖାର୍ଜୀ ମଧ ସ୍କ୍ରିନ୍ ରାଇଟର୍ ଭାବରେ କାର୍ଯ୍ୟ କରୁଛନ୍ତି । ଅକ୍ଷତ ଘିଲ୍ଡିଆଲ୍ ମଧ ସଂଳାପ ଲେଖିଛନ୍ତି ।





ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ:

# ସେଲିବ୍ରେଟି ୱିଥ୍ ଲିଟିଲ ମାଷ୍ଟର୍ ଗ୍ରାଣ୍ଡ ଫାଇନାଲ୍






ଜୀ ସାର୍ଥକରେ ରିଆଲିଟି ଶୋ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ନୂତନ ସିଜନ୍ ସହ ପୁଣି ସଫଳତାର ସହ ପହଞ୍ଚିଛି ତାର ଶେଷ ସୋପାନରେ, ଅର୍ଥାତ ଗ୍ରାଣ୍ଡ ଫାଇନାଲରେ । ଲୋକପ୍ରିୟ ଓଡ଼ିଆ ସେଲିବ୍ରିଟିମାନେ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ି ହୋଇଥିଲେ ଏହି ନୂତନ ଭାବରେ କଳ୍ପିତ ଡ୍ୟାନ୍ସ ରିଆଲିଟି ଶୋ'ରେ । ଟିମ୍ ରଙ୍ଗବତୀ ୨.୦ ଓ ଲଟକମଣି ୨.୦ ଟିମ୍ ନିଜର ହାଇ ଭୋଲଟେଜ୍, ରୋମାଣ୍ଟିକ୍, ଫେଷ୍ଟିଭାଲ୍, କମେଡି, ଆଇଟମ୍ ନମ୍ବର ଏବଂ ଅନ୍ୟାନ୍ୟ ରୋମାଞ୍ଚକର ଡ୍ୟାନ୍ସ ମାଧ୍ୟମରେ ଦର୍ଶକଙ୍କ ମନ ଜିତିଛନ୍ତି ଓ ଗ୍ରାଣ୍ଡ ଫିନାଲେ ବି ଆହୁରି ଗ୍ରାଣ୍ଡ ହେବ ବୋଲି କହିଛି ଜୀ ସାର୍ଥକ ଟିମ୍ । କେବଳ ଡ୍ୟାନ୍ସ ନୁହେଁ, ଏଥରର ବିଶେଷ ଆକର୍ଷଣ ଭାବରେ ନିଜ କଣ୍ଠର ଯାଦୁରେ ଆପଣଙ୍କୁ ଝୁମାଇବେ ଓଡ଼ିଶାର ଲୋକପ୍ରିୟ ଗାୟକମାନେ ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ସତ୍ୟଜିତ, ସ୍ୱୟଂ ପାଢୀ, ବିଷ୍ଣୁମୋହନ ଓ ତାରିକ ଅଜିଜ୍ । ପୁଣି ବିଚାରକ ପ୍ୟାନେଲ, ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ରଙ୍କ ପ୍ରଦର୍ଶନ ମଧ ସମ୍ପୂର୍ଣ୍ଣ ବିଶେଷ ଓ ଉଚ୍ଚକୋଟୀର ହେବ ବୋଲି ଟିମ୍ କହିଛି । ସେଲିବ୍ରିଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ସୋନାଲିସା, ସୁଲଗ୍ନା, ହିତେସା ଓ ମାନସୀ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ନିଜର ଲିଟିଲ୍ ମାଷ୍ଟର୍ସ ଯୋଡିମାନଙ୍କ ସହ ଓଡ଼ିଶାର ଦର୍ଶକଙ୍କ ପାଇଁ ଆଣିଥିଲେ ଏକ ନିଆରା ଅନୁଭୂତି ।

# ଆସିବା ବିଳମ୍ବ ହେବ 'ଦୃଶ୍ୟମ୍-୩'





ମଧ୍ୟପ୍ରାଚୀର ଯୁଦ୍ଧ ଘନଘଟା ଯୋଗୁ 'ଦୃଶ୍ୟମ୍-୩' ଫିଲ୍ମର ରିଲିଜ୍ ତାରିଖ ଘୁଞ୍ଚିପାରେ । ଜିତୁ ଜୋସେଫଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ମୋହନଲାଲ ପୁଣି ଥରେ ଜର୍ଜକୁଟ୍ଟୀ ଭୂମିକାରେ ପରଦାକୁ ଆସିବେ । ଡିସେମ୍ବର ସୁଦ୍ଧା ମୋହନଲାଲ ସୁଟିଂ ସାରିଥିଲେ ସୁଦ୍ଧା ବିଭିନ୍ନ କାରଣରୁ ବିଳମ୍ବରେ ଆସିବା କଥା ଜଣାଯାଇଛି । ୨୦୧୩ ମସିହାରେ ଦୃଶ୍ୟମ ବଡ଼ ବ୍ୟବସାୟିକ ସଫଳତା ହାସଲ କରିବା ପରେ ୨୦୨୧ରେ 'ଦୃଶ୍ୟମ୍-୨' ମଧ୍ୟ ସମାନ ଧାରା ବଜାୟ ରଖିଲା । ଏହି ଫିଲ୍ମରେ ମୀନା, ଅନ୍‌ସିବା ହସନ, ଏସଥର ଅନିଲ, ଆଶା ଶରତଙ୍କ ଭଳି କଳାକାର ଏଥିରେ ଅଭିନୟ କରିଛନ୍ତି । ମାଲାୟାଲମ ଅଭିନେତା ମୋହନଲାଲଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଦୃଶ୍ୟମ୍-୩'ର ରିଲିଜ୍‌କୁ ନେଇ ଦର୍ଶକଙ୍କ ମନ ଭିତରେ ଉତ୍ସାହ ଖେଳିଯାଇଛି । ଯାହା ଜଣାପଡୁଛି, ମୋହନଲାଲଙ୍କ ଜନ୍ମଦିନରେ ଏହି ଫିଲ୍ମ ମୁକ୍ତିଲାଭ କରିବ । ଆସନ୍ତା ମେ' ୨୧ରେ ତାଙ୍କ ଜନ୍ମ ପଡୁଥିବା କଥା ସେ ମଧ୍ୟ ମଧ୍ୟ ସ୍ପଷ୍ଟ କରିଛନ୍ତି । ଏହା ପୂର୍ବରୁ ଆସନ୍ତା ଏପ୍ରିଲ ୨ରେ ଫିଲ୍ମର ରିଲିଜ୍ ତାରିଖ ସ୍ଥିର ହୋଇଥିଲା । ମୋହନଲାଲ ସୋସିଆଲ ମିଡିଆରେ ଏ ବାବଦରେ ମଧ୍ୟ ସ୍ପଷ୍ଟ କରିଛନ୍ତି ।

ଆଜିର ପାଠକ

**କିଶୋର ନ୍ୟାୟ ବ୍ୟବସ୍ଥା ଓ ଶିଶୁ ଅଧିକାର**

# ଆଇନ୍ ସହ ଜଡ଼ିତ ଥିବା ଶିଶୁ ପାଇଁ ଏକ ବଡ଼ ଆହ୍ୱାନ

■ ସୁବ୍ରତ କୁମାର ଦାସ

**କିଶୋର ନ୍ୟାୟ ଆଇନର ମୂଳ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କୁ ସୁରକ୍ଷା ଦେବା, ସେମାନଙ୍କର ଉନ୍ନତି ଓ ପୁନର୍ବାସକୁ ସୁନିଶ୍ଚିତ କରିବା। ଏହି ଆଇନରେ ମୁଖ୍ୟତଃ ୧୮ ବର୍ଷରୁ କମ ବୟସର ବ୍ୟକ୍ତି ବିଶେଷ ଙ୍କୁ ଶିଶୁ ଭାବେ ବିବେଚନା କରାଯାଇଛି। ଏଥିରେ ଦୁଇ ପ୍ରକାର ଶିଶୁଙ୍କୁ ପ୍ରମୁଖ ଗୁରୁତ୍ୱ ଦିଆଯାଇଛି —**

୧.ଆଇନ ସହ ସଂଘର୍ଷରେ ରହୁଥିବା ଶିଶୁ
୨. ଯତ୍ନ ଓ ସୁରକ୍ଷା ଆବଶ୍ୟକ ଥିବା ଶିଶୁ

ଏହି ଆଇନରେ ଶିଶୁମାନଙ୍କ ସୁରକ୍ଷା ପାଇଁ କିଛି ମୁଖ୍ୟ ବ୍ୟବସ୍ଥା ରହିଛି—

୧. କିଶୋର ନ୍ୟାୟ ପରିଷଦ ;
ଏହି ବୋର୍ଡ ମାଧ୍ୟମରେ ଆଇନ ସହ ସଂଘର୍ଷରେ ଥିବା ଶିଶୁମାନଙ୍କର ମାମଲାର ଶୁଣାଣି ହୁଏ। ଏଠାରେ ଦଣ୍ଡ ଦେବା ଠାରୁ ବହୁତ ଅଧିକ ଗୁରୁତ୍ୱ ଦିଆଯାଏ ପୁନର୍ବାସ ଓ ପରାମର୍ଶ ଉପରେ।

୨. ଶିଶୁ କଲ୍ୟାଣ ସମିତି ;
ଯେଉଁ ଶିଶୁମାନେ ପିତୃମାତୃହୀନ, ପରିତ୍ୟକ୍ତ, ଅବହେଳିତ କିମ୍ବା ଶୋଷଣର ଶିକାର ହୋଇଥାନ୍ତି, ସେହି ଶିଶୁମାନଙ୍କର ସୁରକ୍ଷା ଓ ପୁନର୍ବାସ ପାଇଁ ଏହି ସମିତି କାମ କରେ। ଏହି ସମିତିରେ ଜଣେ ଅଧ୍ୟକ୍ଷ ସହ ଚାରି ଜଣ ସଦସ୍ୟ ଥାଆନ୍ତି।

୩. ଶିଶୁ ଆଶ୍ରୟ ଗୃହ
ଆଇନ ଅନୁସାରେ ଅବହେଳିତ ବା ପିତୃମାତୃ ହୀନ ଶିଶୁମାନଙ୍କ ପାଇଁ; ନିରୀକ୍ଷଣ ଗୃହ, ଶିଶୁ ଗୃହ,ସ୍ୱତନ୍ତ୍ର ଗୃହ ପରି ଅନୁଷ୍ଠାନ ଗୁଡ଼ିକର ବ୍ୟବସ୍ଥା ରହିଛି।

୪. ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା
ପିତୃମାତୃହୀନ, ପରିତ୍ୟକ୍ତ ଓ ସମର୍ପିତ ଶିଶୁମାନଙ୍କୁ ନୂତନ ପରିବାର ଦେବା ପାଇଁ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ରହିଛି, ଯାହା ମାଧ୍ୟମରେ ସେମାନେ ଉତ୍ତମ ପରିବେଶରେ ବୃଦ୍ଧି ପାଇ ପାରନ୍ତି। ଏଥିପାଇଁ ନିଃସନ୍ତାନ ଦମ୍ପତି ପ୍ରଥମେ(କାରା ପୋର୍ଟାଲ)ଅନଲାଇନ୍ ମାଧ୍ୟମରେ ପଞ୍ଜିକରଣ କରିବାକୁ ପଡ଼ିଥାଏ। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ଭାବ୍ୟ ପୋଷ୍ୟଗ୍ରହି ଦମ୍ପତି ଆଇନ ସମ୍ମତ ଶିଶୁ ଟିଏ ପୋଷ୍ୟସନ୍ତାନ ରୂପେ ଗ୍ରହଣ କରିବା ପାଇଁ ହକଦାର ହୁଏ।

୫. ପୁନର୍ବାସ ଓ ପୁନଃସମ୍ମିଳନ
ଶିଶୁମାନଙ୍କ ପାଇଁ ଶିକ୍ଷା, ପରାମର୍ଶ, ବୃତ୍ତିମୂଳକ ପ୍ରଶିକ୍ଷଣ ଇତ୍ୟାଦି ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କୁ ସମାଜରେ ପୁନଃସ୍ଥାପିତ କରାଯାଏ।

ଆଇନ୍ ସହ ସଂଘର୍ଷରେ ଥିବା ଶିଶୁ ବୃଦ୍ଧିର କାରଣ :
ସମାଜର ବିଭିନ୍ନ ଅସୁସ୍ଥ ପରିସ୍ଥିତି ଶିଶୁମାନଙ୍କୁ ଆଇନ୍ ସହ ବିରୋଧର ପରିସର ପଥରେ ଠେଲି ଦେଉଛି। ଆଇନ୍ ସହ ଦ୍ୱନ୍ଦରେ ଥିବା ଶିଶୁ ବୃଦ୍ଧି ପାଇଁ କିଛି ପ୍ରମୁଖ କାରଣ ହେଉଛି—

୧. ଦାରିଦ୍ର୍ୟ ଓ ଆର୍ଥିକ ସମସ୍ୟା
ଦରିଦ୍ର ପରିବାରର ଶିଶୁମାନେ ଜୀବିକା ପାଇଁ କାମ କରିବାକୁ ବାଧ୍ୟ ହୋଇ ଅନେକ ସମୟରେ ଅପରାଧୀ ଚକ୍ରରେ ପଡ଼ିଯାନ୍ତି।

୨. ପାରିବାରିକ ଅବହେଳା
ମାତାପିତାଙ୍କ ଅସାବଧାନତା, ପରିବାରରେ କଳହ, ମଦ୍ୟପାନ ବା ହିଂସା ଭଳି ପରିସ୍ଥିତି ଶିଶୁଙ୍କ ମନୋଭାବକୁ ଅସ୍ଥିର କରେ।

୩. ଶିକ୍ଷାର ଅଭାବ
ଶିକ୍ଷାରୁ ବଞ୍ଚିତ ଶିଶୁମାନେ ଭୁଲ ପଥରେ ଯିବାର ସମ୍ଭାବନା ଅଧିକ।

୪. କୁ-ସଙ୍ଗତି
ଅସାଧୁ ସାଥୀ ଓ ଅପରାଧୀ ଗୋଷ୍ଠୀ ସହ ମିଶିଲେ ଶିଶୁମାନେ ଅପରାଧରେ ଜଡିତ ହୋଇପାରନ୍ତି।

୫. ନିଶା ଦ୍ରବ୍ୟ ଓ କୁ-ଅଭ୍ୟାସ
ମାଦକ ଦ୍ରବ୍ୟ ବ୍ୟବହାର ଶିଶୁମାନଙ୍କୁ ଅପରାଧର ଦିଗକୁ ନେଇଯାଏ।

୬. ମାଧ୍ୟମ ଓ ଅନିୟନ୍ତ୍ରିତ ପ୍ରଭାବ
କେତେକ ଅସୁସ୍ଥ ମାଧ୍ୟମିକ ପ୍ରଭାବ ଓ ହିଂସାତ୍ମକ ସାମଗ୍ରୀ ମଧ୍ୟ ଶିଶୁମାନଙ୍କ ମନୋଭାବକୁ ନକରାତ୍ମକ କରେ। ଏପରି ସ୍ଥିତିରେ ଶିଶୁ ଅପରାଧ ପଥକୁ ଆପଣେଇ ନେଉଛନ୍ତି। ସାଧାରଣତଃ ଦେଖା ଯାଉଛି ୧୫-୧୭ ବର୍ଷର ଶିଶୁ ମାନଙ୍କ ମଧ୍ୟରେ ହିଂସାତ୍ମକ ଭାବନା ଉଦ୍ରେକ ହେଉଛି।

ଆଇନ୍ ସହ ବିରୋଧ ଥିବା ଶିଶୁ ପାଇଁ ସାମାଜିକ ମାଧ୍ୟମ କିପରି ପ୍ରଶ୍ରୟ ଦେଉଛି। ସାମାଜିକ ମାଧ୍ୟମ ଆଜିର ଯୁଗରେ ଶିଶୁମାନଙ୍କ ପାଇଁ ଜ୍ଞାନ ଓ ମନୋରଞ୍ଜନର ଏକ ମାଧ୍ୟମ ହେଲେ ମଧ୍ୟ, କେତେକ ପରିସ୍ଥିତିରେ ଏହା



ଶିଶୁଙ୍କୁ ଆଇନ୍ ସହ ଜଡ଼ିତ ଥିବା ଅବସ୍ଥା କୁ ପ୍ରଶ୍ରୟ ଦେଇପାରେ।

ମୁଖ୍ୟ କାରଣଗୁଡ଼ିକ:

ଅନୁଚିତ ବିଷୟବସ୍ତୁର ପ୍ରଭାବ:
ହିଂସା, ଅଶ୍ଳୀଳତା କିମ୍ବା ଅପରାଧମୂଳକ ଭିଡିଓ ଦେଖି ଶିଶୁମାନେ ତାହାକୁ ଅନୁକରଣ କରିପାରନ୍ତି।

ଭୁଲ ସଙ୍ଗତ :
ଅପରିଚିତ ବ୍ୟକ୍ତିଙ୍କ ସହ ଯୋଗାଯୋଗ ହେବାରୁ ଶିଶୁମାନେ ଖରାପ ପଥରେ ପ୍ରେରିତ ହେବାର ସମ୍ଭାବନା ରହେ।

ସାଇବର ଅପରାଧର ସୁଯୋଗ:
ସୋସିଆଲ ମିଡିଆ ମାଧ୍ୟମରେ ଠକେଇ, ସାଇବର ବୁଲିଂ, ହ୍ୟାକିଂ ଇତ୍ୟାଦି ଅପରାଧରେ ଶିଶୁମାନେ ଜଡିତ ହେବାର ଆଶଙ୍କା ଥାଏ।

ଗୋପନୀୟତାର ଅଭାବ:
ନିଜସ୍ୱ ସୂଚନା ଅସାବଧାନରେ ସେୟାର କରିବା ଫଳରେ ଅପରାଧୀମାନେ ଶିଶୁମାନଙ୍କୁ ଲକ୍ଷ୍ୟ କରନ୍ତି।

ଅତ୍ୟଧିକ ଆସକ୍ତି:
ସୋସିଆଲ ମିଡିଆ ଉପରେ ଅଧିକ ନିର୍ଭରଶୀଳତା ଶିଶୁମାନଙ୍କ ଚିନ୍ତାଧାରା ଓ ଆଚରଣକୁ ବିକୃତ କରିପାରେ। ତେଣୁ, ଯଥୋଚିତ ନିୟନ୍ତ୍ରଣ, ଅଭିଭାବକ ଓ ଶିକ୍ଷକଙ୍କ ନିରୀକ୍ଷଣ ଓ ସଚେତନତା ଦ୍ୱାରା ସାମାଜିକ ମାଧ୍ୟମର ଏହି ନକାରାତ୍ମକ ପ୍ରଭାବକୁ କମାଇ ଶିଶୁର ବୌଦ୍ଧିକ ବିକାଶ ରେ ସହାୟକ ହେବା ଉଚିତ୍। ଶିଶୁ ଶ୍ରମ, ରାସ୍ତା କଡ଼ରେ ବୁଲୁଥିବା ଶିଶୁ ଓ ଭିକ୍ଷା ବୃତ୍ତି ରୋକିବା ପାଇଁ ଉଚିତ ପଦକ୍ଷେପ। ଶିଶୁ ଶ୍ରମ, ଭିକ୍ଷା ବୃତ୍ତି ଓ ରାସ୍ତା କଡ଼ରେ ବୁଲୁଥିବା ଶିଶୁ ସମସ୍ୟା ସମାଜର ଏକ ଗୁରୁତର ଚିନ୍ତା। ଏହାକୁ ଦୂର କରିବା ପାଇଁ ଆଇନ ସହିତ ସମାଜର ସମ୍ମିଳିତ ପ୍ରୟାସ ଆବଶ୍ୟକ।

୧. ଶିଶୁ ଶ୍ରମ ନିଷେଧ ଆଇନ ଅନୁସାରେ ଶିଶୁମାନଙ୍କୁ ବିପଜ୍ଜନକ କାମରେ ଲଗାଇବା ଅପରାଧ। ଏହି ଆଇନକୁ କଠୋର ଭାବେ ପ୍ରୟୋଗ କରିବା ଆବଶ୍ୟକ।

୨. ସମସ୍ତ ଶିଶୁଙ୍କ ପାଇଁ ମାଗଣା ଶିକ୍ଷା
ଶିକ୍ଷାର ଅଧିକାର ଆଇନ ଅନୁସାରେ ୬–୧୪ ବର୍ଷର ସମସ୍ତ ଶିଶୁଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଦିଆଯାଇଛି। ଏହାର ସଠିକ୍ ପ୍ରୟୋଗ ଆବଶ୍ୟକ।

୩. ପୁନର୍ବାସ ଓ ସୁରକ୍ଷା କାର୍ଯ୍ୟକ୍ରମ
ରାସ୍ତାରେ ବୁଲୁଥିବା ଶିଶୁମାନଙ୍କୁ ଉଦ୍ଧାର କରି ଆଶ୍ରୟ, ଶିକ୍ଷା, ପରାମର୍ଶ, ବୃତ୍ତିମୂଳକ ପ୍ରଶିକ୍ଷଣ ଦେବା ଆବଶ୍ୟକ।

୪. ସଚେତନତା ସୃଷ୍ଟି
ସମାଜରେ ଶିଶୁ ଅଧିକାର ବିଷୟରେ ସଚେତନତା ବଢ଼ାଇବା ଆବଶ୍ୟକ।

୫. ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ସରକାରୀ ବିଭାଗ ସହ ସ୍ୱେଚ୍ଛାସେବୀ ସଂଗଠନ ପ୍ରମୁଖ ଏହି ଦିଗରେ ଅଧିକ ସଚେତନ ଓ ଶିଶୁ ମିତ୍ର ପରିବେଶ ସବୁଠି ତିଆରି କରିବାରେ ପ୍ରୟାସ କଲେ ଶିଶୁ ସୁରକ୍ଷା ବ୍ୟବସ୍ଥା ଆହୁରି ମଜବୁତ ହେବ।

୬. ପରିବାରକୁ ଆର୍ଥିକ ସହାୟତା
ଦରିଦ୍ର, ଅସୁରକ୍ଷିତ ଓ ଅବହେଳିତ ପରିବାରକୁ ଚିହ୍ନଟ କରି ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ସହାୟତା ଦେଲେ ଶିଶୁମାନେ କାମକୁ ବାଧ୍ୟ ହେବେ ନାହିଁ।

ସମାଜର ଭୂମିକା
କେବଳ ଆଇନ ରହିଲେ ହେବ ନାହିଁ; ସମାଜର ସଚେତନତା ମଧ୍ୟ ଆବଶ୍ୟକ। ମାତାପିତା, ଶିକ୍ଷକ, ସମାଜସେବୀ ଓ ସରକାରୀ ସଂସ୍ଥାମାନେ ଏକାଠି ହୋଇ ଶିଶୁମାନଙ୍କ ହିତ ପାଇଁ କାମ କରିବା ଆବଶ୍ୟକ। ଯଦି ଆମେ ଶିଶୁମାନଙ୍କୁ ଭଲ ପରିବେଶ, ଶିକ୍ଷା ଓ ସଠିକ୍ ମାର୍ଗଦର୍ଶନ ଦେଇପାରିବା, ତେବେ ସେମାନେ କେବେ ମଧ୍ୟ ଅପରାଧର ପଥରେ ଯିବେ ନାହିଁ।
ବହୁ ଶିକ୍ଷିତ ପିଲା ଶିକ୍ଷା ସହ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ବୈଷୟିକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଆଦିରେ ମାଗଣା ପାଠ ପଢ଼ିବା ସୁଯୋଗ ପାଇବା ସହ ନିଯୁକ୍ତି ସକାଶେ ପ୍ରୋତ୍ସାହନ ମିଳୁଛି। ତେଣୁ ବହୁତ ସଂସ୍ଥା ଏପରି ପିଲାମାନଙ୍କୁ ଗଢ଼ି ତୋଳି ଆତ୍ମନିଯୁକ୍ତିରେ ସମ୍ଭାବନା ସୃଷ୍ଟି କରିଛି। ଶିଶୁ ସୁରକ୍ଷା ମାଧ୍ୟମ ରେ ସରକାରଙ୍କ ଯଶୋଦା ଯୋଜନାରେ ଶିଶୁ ଙ୍କୁ ସାମିଲ କରାଯାଉଛି। ଶିଶୁମାନେ ଦେଶର ଅମୂଲ୍ୟ ସମ୍ପଦ। ସେମାନଙ୍କର ସୁରକ୍ଷା, ଶିକ୍ଷା ଓ ଉନ୍ନତି ନିଶ୍ଚିତ କରିବା ସମାଜ ଓ ରାଜ୍ୟର ମୁଖ୍ୟ କର୍ତ୍ତବ୍ୟ। କିଶୋର ନ୍ୟାୟ ଆଇନ ଏହି ଦିଗରେ ଏକ ଦୃଢ଼ ପଦକ୍ଷେପ, ଯାହା ଶିଶୁମାନଙ୍କୁ ନୂତନ ଆଶା ଓ ସୁରକ୍ଷା ଦେଇଥାଏ। ବାଳ ଅପରାଧ, ଶିଶୁ ଶ୍ରମ, ଭିକ୍ଷା ବୃତ୍ତି ଭଳି ସମସ୍ୟାକୁ ଦୂର କରିବା ପାଇଁ ଆମ ସମସ୍ତଙ୍କୁ ଏକାଠି ହୋଇ କାମ କରିବା ଆବଶ୍ୟକ।
ଯଦି ଆମେ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷିତ ଓ ସ୍ନେହମୟ ପରିବେଶ ଦେଇପାରିବା, ତେବେ ସେମାନେ ଆଗାମୀ ଦିନରେ ଏକ ସୁସ୍ଥ, ସୁନ୍ଦର, ସମୃଦ୍ଧ, ଓ ବିକାଶଶୀଳ ଦେଶ ଗଠନ କରିବାରେ ସହାୟକ ହେବେ।

**-ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ**
**ମୋ: ୯୪୩୭୭୩୧୯୦୩**



# ପ୍ରାଣାୟାମ

ବିରଞ୍ଚି ନାରାୟଣ ମହାନ୍ତି

ପ୍ରାଣାୟାମ ଶ୍ୱାସ ପ୍ରଶ୍ୱାସର ବ୍ୟାୟାମର ଏକ ପଦ୍ଧତି, ଯାହାଦ୍ୱାରା ଫୁସ୍‌ଫୁସ୍ ବଳିଷ୍ଠ ହୋଇଥାଏ, ରକ୍ତ ସଞ୍ଚାଳନ ବ୍ୟବସ୍ଥା ସୁଧୁରିବା ଦ୍ୱାରା ଆରୋଗ୍ୟ ଏବଂ ଦୀର୍ଘାୟୁ ଲାଭ ହୁଏ । ଶରୀର ବିଜ୍ଞାନ ଅନୁସାରେ ମାନବର ଫୁସଫୁସ୍ ଦ୍ୱୟ ଶ୍ୱାସକୁ ନିଜ ଭିତରେ ଭରିବାର ଏଭଳି ଯନ୍ତ୍ର ଯେଉଁଥିରେ ଭର୍ତ୍ତି ହୋଇଥିବା ବାୟୁ ସମସ୍ତ ଶରୀରରେ ପହଞ୍ଚି ଅମ୍ଳଜାନ ପ୍ରଦାନ କରିଥାଏ ଏବଂ ବିଭିନ୍ନ ଅବୟବରେ ଉତ୍ପନ୍ନ ହୋଇଥିବା ମଳିନତା (କାର୍ବନ ଗ୍ୟାସ)କୁ ବାହାର କରିଥାଏ । ଏହି କ୍ରିୟା ଠିକ୍ ଭାବରେ ହେବା ଦ୍ୱାରା ଫୁସ୍‌ଫୁସ୍ ମଜଭୁତ ହୋଇଥାଏ ଏବଂ ରକ୍ତ ଶୋଧନର କାର୍ଯ୍ୟ ଚାଲିଥାଏ । ଅଧିକାଂଶ ବ୍ୟକ୍ତି ଗଭୀର ଶ୍ୱାସ ନେଇଥାନ୍ତି, ଯାହାଫଳରେ ଫୁସ୍‌ଫୁସ୍ ପ୍ରାୟ ଏକ ଚତୁର୍ଥାଂଶ ଭାଗ କାର୍ଯ୍ୟ କରିଥାଏ । ବାକି ତିନିଚତୁର୍ଥାଂଶ ଭାଗ ଏକ ପ୍ରକାର ନିଷ୍କ୍ରିୟ ହୋଇପଡ଼ିରହେ ।

ଫୁସ୍‌ଫୁସ୍‌ରେ ପ୍ରାୟ ସାତକୋଟି ତିରିଶଲକ୍ଷ ସ୍ପଞ୍ଜ ଭଳି କୋଠରି ରହିଛି । ସାଧାରଣ ହାଲୁକା ଶ୍ୱାସ ନେବା ଦ୍ୱାରା ସେଥିରୁ ପ୍ରାୟ ଦୁଇକୋଟି ଛିଦ୍ରରେ ହିଁ ପ୍ରାଣ ବାୟୁର ସଞ୍ଚାର ହୋଇଥାଏ । ବାକି ପାଞ୍ଚ କୋଟି ତିରିଶ ଲକ୍ଷ ଛିଦ୍ରରେ ପ୍ରାଣ ବାୟୁ ନପହଞ୍ଚିବା କାରଣରୁ ସେସବୁ ନିଷ୍କ୍ରିୟ ହୋଇ ପଡ଼ିରହେ । ପରିମାଣ ସ୍ୱରୂପ ଏଗୁଡ଼ିକର ଜଡ଼ତା ଆସିଥାଏ ଏବଂ ମଳ ଅର୍ଥାତ୍ ବିଜାତୀୟ ଦ୍ରବ୍ୟ କମିବାକୁ ଲାଗେ, ଯାହା ଯୋଗୁଁ ଯକ୍ଷ୍ମା, କାଶ, ବ୍ରୋଙ୍କାଇଟିସ୍ ଆଦି ଭୟଙ୍କର ରୋଗ ଦ୍ୱାରା ବ୍ୟକ୍ତି ଆକ୍ରାନ୍ତ ହୋଇଥାଏ । ଫୁସ୍‌ଫୁସ୍ କାର୍ଯ୍ୟ ପଦ୍ଧତିରେ ବାଧା ହେଲେ ରକ୍ତ ଶୁଦ୍ଧି ଉପରେ ପ୍ରଭାବ ପକାଇଥାଏ । ହୃଦୟ ଦୁର୍ବଳ ହୋଇଯାଏ ଏବଂ ପରିଣାମ ସ୍ୱରୂପ ଅକାଳ ମୃତ୍ୟୁ ହୋଇଥାଏ । ପ୍ରଣାୟାମ ଦ୍ୱାରା ପ୍ରାଣବାୟୁର ନିୟନ୍ତ୍ରଣ କରି ବଭିନ୍ନ ରୋଗ ନିବାରଣ ସହଜତା ପୂର୍ବକ କରାଯାଇପାରେ । ଏହି ବିଜ୍ଞାନ ଅର୍ଥାତ୍ ପ୍ରାଣବାୟୁର ବିଜ୍ଞାନକୁ ଜାଣି ମାନବ ସ୍ୱୟଂ ତଥା ଅନ୍ୟର ସ୍ୱାସ୍ଥ୍ୟକୁ ସୁବ୍ୟବସ୍ଥିତ କରି ସୁଖି ଏବଂ ଆନନ୍ଦପୂର୍ଣ୍ଣ ଜୀବନର ପୂର୍ଣ୍ଣ ଲାଭପ୍ରାପ୍ତ କରି ନିଜର ଆୟୁକୁ ବଢ଼ାଇପାରିବ । ଉଦବେଗ, ଚିନ୍ତା, କ୍ରୋଧ, ନିରାଶା ଭୟ ଏବଂ କାମୁକତା ଆଦି ମନୋବିକାରଗୁଡ଼ିକର ସମାଧାନ ପ୍ରାଣାୟାମ ଦ୍ୱାରା ସରଳତାପୂର୍ବକ କରାଯାଇପାରିବ । କେବଳ ଏତିକି ନୁହେଁ, ମସ୍ତିଷ୍କର କ୍ଷମତା ବଢ଼ାଇ ସ୍ମରଣ ଶକ୍ତି ଦୁରଦର୍ଶିତା, ମେଧା ଆଦି ମାନସିକ ବିଶେଷତ୍ୱ ଗୁଡ଼ିକର ଅଭିବର୍ଦ୍ଧନ କରି ପ୍ରାଣାୟାମ ଦ୍ୱାରା ଦୀର୍ଘଜୀବୀ ହୋଇ ଜୀବନର ବାସ୍ତବିକ ଆନନ୍ଦପ୍ରାପ୍ତ କରାଯାଇପାରିବ ।



ପ୍ରାଣାୟାମ ଶୁଦ୍ଧ ସାତ୍ତ୍ୱିକ ନିର୍ମଳ ସ୍ଥାନରେ କରିବା ଉଚିତ । ଯଦି ସମ୍ଭବ ତେବେ ଜଳାଶୟ ନିକଟରେ ବସି ଅଭ୍ୟାସ କରନ୍ତୁ । ସହରରେ ଯେଉଁଠାରେ ପ୍ରଦୂଷଣ ଅଧିକ ପ୍ରଭାବ ରହିଥାଏ, ସେଠାରେ ପ୍ରାଣାୟାମ କରିବା ପୂର୍ବର୍ପରୁ ଘୃତ ଏବଂ ଗୁଗ୍‌ଲ ଦ୍ୱାରା ସେହି ସ୍ଥାନକୁ ସୁଗନ୍ଧିତ କରନ୍ତୁ । କିଛି ନ ହେଲେ ଘିଅ ଦୀପ ଲଗାନ୍ତୁ । ପ୍ରାଣାୟାମ ପାଇଁ ସିଦ୍ଧାସନ, ବଜ୍ରାସନ ବା ପଦ୍ମାସନରେ ବସିବା ଉପଯୁକ୍ତ ଅଟେ । ବସିବା ପାଇଁ ଯେଉଁ ଆସନର ବ୍ୟବହାର କରୁଛନ୍ତି ତାହା ବିଦ୍ୟୁତ କୁପରିବାହୀ ହେବା ଉଚିତ ଯଥା କମ୍ବଳ କିମ୍ବା କୁଶାସନ । ଶ୍ୱାସ ସବୁବେଳେ ନାକ ଦ୍ୱାରା ହିଁ ନେବା ଉଚିତ । ଏହାଦ୍ୱାରା ଶ୍ୱାସ ଛାଣି ହୋଇ ଭିତରକୁ ଯାଏ । ଅନ୍ୟାନ୍ୟ ସମୟରେ ମଧ୍ୟ ନାକ ବାଟେ ଶ୍ୱାସକ୍ରିୟା କରିବା ଉଚିତ । ଏହାଦ୍ୱାରା ଶରୀରର ତାପମାତ୍ରା ମଧ୍ୟ ଇଡା, ପିଙ୍ଗଳା ନାଡ଼ି ଦ୍ୱାରା ସୁବ୍ୟବସ୍ଥିତ ରହିଥାଏ ଏବଂ ବିଜାତୀୟ ତତ୍ତ୍ୱ ନାକ ଛିଦ୍ରରେ ହିଁ ରହିଥାଏ । ଯୋଗାସନ ଭଳି ପ୍ରାଣାୟମ କରିବା ପାଇଁ ଅତିକମରେ ଚାରି ପାଞ୍ଚ ଘଣ୍ଟା ପୂର୍ବରୁ ଭୋଜନ କରିବା ଉଚିତ । ସକାଳେ ଶୌଚାଦି କର୍ମ ପରେ ଯୋଗାସନ ପୂର୍ବରୁ ପ୍ରାଣାୟମ କରିବା ସର୍ବୋତ୍ତମ । ପ୍ରଥମେ ୫/୧୦ ମିନିଟ୍ ହିଁ ଅଭ୍ୟାସ କରନ୍ତୁ ତଥା ଧୀରେ ଧୀରେ ବଢ଼ାଇ ଅଧଘଣ୍ଟାରୁ ଏକ ଘଣ୍ଟା କରିବା ଉଚିତ । ସବୁବେଳେ ସମାନ ସଂଖ୍ୟାରେ କରନ୍ତୁ । କମ୍ ବେଶୀ କରନ୍ତୁ ନାହିଁ । ସକାଳେ ଉଠିବା ପରେ ପେଟ ସଫା ହେଉନଥିଲେ ରାତିରେ ଶୋଇବା ପୂର୍ବରୁ ହରିଡ଼ାଚୂର୍ଣ୍ଣ କିମ୍ବା ତ୍ରିଫଳା ଚୂର୍ଣ୍ଣ ଗରମ ପାଣି ସହିତ ନିଅନ୍ତୁ । ପ୍ରାଣାୟାମ କରିବା ସମୟରେ ମନଶାନ୍ତ ଏବଂ ପ୍ରସନ୍ନ ହେବା ଉଚିତ । ସେମିତି ତ ପ୍ରାଣାୟାମ ଦ୍ୱାରା ମଧ୍ୟ ମନ ଶାନ୍ତ, ପ୍ରସନ୍ନ ଓ ଏକାଗ୍ର ହୋଇଥାଏ । ପ୍ରାଣାୟାମ ଗୁଡ଼ିକ ନିଜ ନିଜର ପ୍ରକୃତି ଏବଂ ଋତୁ ଅନୁସାରେ କରିବା ଉଚିତ । କେତେକ ପ୍ରାଣାୟାମ ଦ୍ୱାରା ଶରୀରରେ ତାପମାତ୍ରା ବଢ଼ିଯାଏ, କେତେକ ଦ୍ୱାରା ତାପମାତ୍ରା କମିଯାଏ ।

ପ୍ରାଣାୟାମ କରିବା ଦ୍ୱାରା ଥକା ଅନୁଭବ କଲେ ପରବର୍ତ୍ତୀ ପ୍ରାଣାୟାମ କରିବା ପୂର୍ବରୁ ସାଧାରଣ ଦୀର୍ଘ ଶ୍ୱାସ ନେଇ ବିଶ୍ରାମ କରିବା ଉଚିତ । ଗର୍ଭବତୀ ମହିଳା କ୍ଷୁଧାର୍ତ୍ତ, ରୋଗୀ ପ୍ରାଣାୟାମ କରିବା ଉଚିତ ନୁହେଁ । ପ୍ରାଣାୟାମ ଦୀର୍ଘ ଅଭ୍ୟାସ ପାଇଁ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତୁ । ଭୋଜନ ସାତ୍ତ୍ୱିକ ହେବା ସଙ୍ଗେ ସଙ୍ଗେ କ୍ଷୀର, ଘିଅ, ଏବଂ ଫଳର ପ୍ରୟୋଗ କରାଯାଇପାରିବ । ପ୍ରାଣାୟାମରେ ଶ୍ୱାସକୁ ଜବରଦସ୍ତି ରୋକିବା ଉଚିତ ନୁହେଁ । ପ୍ରାଣାୟାମ ପୂର୍ବରୁ କେତେଥର 'ଓମ୍'ର ଦୀର୍ଘ ନାଦ ପୂର୍ଣ୍ଣ ଉଚ୍ଚାରଣ କରିବା ଏବଂ ଭଜନ କୀର୍ତ୍ତନ କରିବା ଉଚିତ । ଏହାଦ୍ୱାରା ମନ ଶାନ୍ତ ଓ ଏକାଗ୍ର ହୋଇଥାଏ । ପ୍ରାଣାୟାମ ଅଭ୍ୟାସ ପାଇଁ ମନ ଶାନ୍ତ ଏବଂ ବିଚାର ରହିତ ହେବା ବହୁତ ଆବଶ୍ୟକ । ପ୍ରାଣାୟାମ କରିବା ସମୟରେ ଗାୟତ୍ରୀ 'ଓମ୍'ର ଜପ କରିବା ଆଧ୍ୟାତ୍ମିକ ରୂପେ ବିଶେଷ ଗୁଣକାରୀ । ପ୍ରାଣାୟାମ କରିବା ସମୟରେ ପାଟି, ଆଖି, ନାକ, ଆଦି ଅଙ୍ଗରେ କୌଣସି ପ୍ରକାର କଠୋରତା ନ ଆଣି ସହଜାବସ୍ଥାରେ ରଖିବା ଉଚିତ । ପ୍ରାଣାୟାମ ଅଭ୍ୟାସ ଦ୍ୱାରା ବେକ, ମେରୁଦଣ୍ଡ, ଅଣ୍ଟାକୁ ସବୁବେଳେ ସିଧା ରଖନ୍ତୁ । ପ୍ରାଣାୟାମ ଚଉକି ଉପରେ ବସି କରିପାରିବେ । ମେରୁଦଣ୍ଡକୁ ସିଧା ରଖନ୍ତୁ ।

ଆଜିକାଲି ଲୋକେ ଚଲାବୁଲା କିମ୍ବା ଭ୍ରମଣ କରିବା ସମୟରେ ପ୍ରାଣାୟାମ କରିଥାନ୍ତି, ତାହା ଠିକ୍ ନୁହେଁ । ଏହାଦ୍ୱାରା ଅନେକ ସମୟରେ ଅଧିକ କ୍ଷତି ମଧ୍ୟ ହୋଇଥାଏ । ପ୍ରାଣାୟାମ କରିବା ଦ୍ୱାରା ପ୍ରାଣଶକ୍ତିର ଉତଥାନ ହୋଇଥାଏ । ତଥା ମେରୁଦଣ୍ଡ ସହ ସମ୍ବନ୍ଧିତ ଚକ୍ରଗୁଡ଼ିକ ଜାଗ୍ରତ ହୁଏ । ଏଣୁ ପ୍ରାଣାୟାମରେ ସିଧା ବସିବା ଅତି ଆବଶ୍ୟକ । ଏହା ଯଥାସମ୍ଭବ ସ୍ନାନାଦି କର୍ମପରେ ଧ୍ୟାନ ଉପାସନା ପୂର୍ବରୁ କରିବା ଉଚିତ । ପ୍ରାଣାୟାମ ପରେ ଯଦି ସ୍ନାନ କରୁଛନ୍ତି ତେବେ ୧୫/୨୦ ମିନିଟ୍ ପରେ କରିପାରିବେ । ପୁସ୍ତକ ପଢ଼ି ବା ଦେଖି ଦେଖି କଦାପି ଅଭ୍ୟାସ କରନ୍ତୁ ନାହିଁ, ଅନୁଭବୀ ଯୋଗଗୁରୁଙ୍କ ଠାରୁ ଶିକ୍ଷା କରନ୍ତୁ ।

**ଚୂନଭାଟି ଗଳି, ଚୌଧୁରୀ ବଜାର, କଟକ,**
**ଦୂରଭାଷ : ୯୪୩୭୩୧୯୧୩୫**



ସ୍ୱାସ୍ଥ୍ୟ ସ୍ୱତନ୍ତ୍ର


ବିନା ଅସ୍ତ୍ରୋପଚାରରେ

# କୃତ୍ରିମ ହାର୍ଟ ଭାଲବ୍ ପ୍ରତିରୋପଣ


**ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**

ହୃତପିଣ୍ଡର କାମ ହେଉଛି ଶରୀରକୁ ଠିକ ଭାବେ ରକ୍ତ ସଞ୍ଚାଳନ କରିବା। ଏହାଦ୍ୱାରା ଶରୀରକୁ ପୁଷ୍ଟି ଓ ଅମ୍ଳଜାନ ମିଳିଥାଏ। କିନ୍ତୁ କୌଣସି କାରଣ ବଶତଃ ହୃତପିଣ୍ଡ ସଠିକ କାର୍ଯ୍ୟକ୍ଷମ ନ ହେଲେ, ହୃଦଘାତ ହେବାର ଆଶଙ୍କା କରାଯାଏ। ତନ୍ମଧ୍ୟରୁ ହାର୍ଟ ଭିତରେ ଥିବା ଭାଲବ (କପାଟିକା) ନଷ୍ଟ ହୋଇଯିବା ଅଧିକ ଚିନ୍ତା ସୃଷ୍ଟି କରେ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନରେ ବ୍ୟାଘାତ ସୃଷ୍ଟି ହୁଏ। ହେଲେ ଏବେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିରେ ଟ୍ରାନ୍ସକାଥେଟର ଏଓର୍ଟିକ ଭାଲବ ଇମ୍ପ୍ଲାଟେସନ 'ଟାଭି' ଜରିଆରେ କପାଟିକାର ଚିକିତ୍ସା ସମ୍ଭବ ହୋଇପାରୁଛି। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ସଞ୍ଚାଳନ କରିବାରେ ଏହା ଏହା ସାହାଯ୍ୟ କରିଥାଏ।

ସାଧାରଣତଃ ହାର୍ଟ ଭାଲବ ନଷ୍ଟ ହେଲେ ରକ୍ତ ସଞ୍ଚାଳନରେ ଅସୁବିଧା ହୁଏ। ହୃଦଘାତର ଅଧିକ ଆଶଙ୍କା ଥାଏ। ରୋଗୀଙ୍କ ଠାରେ ଧଇଁସଇଁ ଲାଗିବା, ଦାନ୍ତବିନ୍ଧା, ଝାଳ ବୋହିବା, ଥକା ଲାଗିବା କୌଣସି କାର୍ଯ୍ୟ ନକରିପାରିବା, ଦେହ ହାତ ଫୁଲିଯିବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଏହାକୁ 'ଟାଭି' ଚିକିତ୍ସା ପଦ୍ଧତିରେ ଚିକିତ୍ସା କରାଯାଇପାରିବ। ପାରମ୍ପରିକ ଶଲ୍ୟ ଚିକିତ୍ସା ଦ୍ୱାରା ଚିକିତ୍ସିତ ହୋଇପାରୁନଥିବା ରୋଗୀମାନଙ୍କ ପାଇଁ ଏହା ଏକ ବରଦାନ ସଦୃଶ। ଏହି ଆଧୁନିକ ଚିକିତ୍ସା ପଦ୍ଧତିରେ ବିନା ସର୍ଜରୀରେ ନଷ୍ଟ ହୋଇଥିବା ଭାଲବ ସ୍ଥାନରେ ଏକ କୃତ୍ରିମ ଭାଲବ ପ୍ରତିରୋପଣ କରାଯାଏ। ଅଧିକାଂଶ କ୍ଷେତ୍ରରେ ଏଥିପାଇଁ ରୋଗୀଙ୍କୁ ଅଚେତ କରିବାକୁ ପଡ଼େ ନାହିଁ। ଯାହାଦ୍ୱାରା ରୋଗୀଙ୍କୁ କମ ଯନ୍ତ୍ରଣା ଅନୁଭବ ହୋଇଥାଏ। ହସ୍ପିଟାଲରେ ରୋଗୀଙ୍କୁ ଅଧିକ ସମୟ ରହିବାକୁ ପଡ଼େନାହିଁ। ଏହା ଅପେକ୍ଷାକୃତ ଯନ୍ତ୍ରଣାମୁକ୍ତ ଚିକିତ୍ସା।




ପାରମ୍ପରିକ ହାର୍ଟ ସର୍ଜରୀ ତୁଳନାରେ 'ଟାଭି'ରେ ସଂକ୍ରମଣ ଆଶଙ୍କା ବହୁତ କମ ଥାଏ। ରୋଗୀଙ୍କୁ ବାହ୍ୟ ସଂକ୍ରମଣ ଭୟ ନଥାଏ। ତେଣୁ ସଂକ୍ରମଣ ଆଶଙ୍କା କମି ଯାଇଥାଏ। ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କର ହାର୍ଟ ସର୍ଜରୀ କରାଇବା ସମ୍ଭବ ହୋଇ ନଥାଏ। ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ହାର୍ଟ ଭାଲବ ବନ୍ଦ ହୋଇଯାଇଥିଲେ, ହାର୍ଟ ସର୍ଜରୀ କରାଇବା ସମ୍ଭବ ନଥିଲେ ସେ କ୍ଷେତ୍ରରେ 'ଟାଭି' ସର୍ଜରୀ ବିକଳ୍ପ ଚିକିତ୍ସା ପଦ୍ଧତି। ରୋଗପ୍ରତିରୋଧ ଦୁର୍ବଳ ଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ 'ଟାଭି' ବିଶେଷ ଫଳପ୍ରଦ ହୋଇଥାଏ। ସାଧାରଣତଃ ସର୍ଜିକାଲ ପ୍ରକ୍ରିୟାରେ ରୋଗୀଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ସମୟ ଲାଗିଥାଏ। ହେଲେ 'ଟାଭି'ର ବିଶେଷତ୍ୱ ହେଉଛି ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି। ନିଜର ସାଧାରଣ କର୍ମ ନିର୍ବାହ କରିପାରନ୍ତି। ତେଣୁ ଓପନ ହାର୍ଟ ସର୍ଜରୀ ତୁଳନାରେ ଏହା ଅଧିକ ଲାଭ ପ୍ରଦାନ କରେ। କୃତ୍ରିମ ଭାଲବ୍ ହାର୍ଟରେ ଲାଗିବା ପରେ କେହି କେହି ଅସ୍ୱସ୍ତିକର ଜୀବନ ଓ ସମୟକୁ ଚିନ୍ତା କରିପାରନ୍ତି ଏହା ଆଦୌ ଠିକ ନୁହେଁ। ହୁଏତ ଜଣଙ୍କ ଶରୀରରେ ଏକ କୃତ୍ରିମ କିନ୍ତୁ ଉନ୍ନତ ଓ ଶ୍ରେଷ୍ଠ ଆନନ୍ଦର ଜୀବନ କ୍ଷଣ ପାଇଁ ଯେଉଁ ବ୍ୟବସ୍ଥାର ସାହାରା ନିଆଯାଉଛି ତାହା ଚିକିତ୍ସା ବିଜ୍ଞାନ ପାଇଁ ଯେତିକି ଆହ୍ୱାନପୂର୍ଣ୍ଣ ସେତିକି ଗୌରବମୟ।





ଏହି ଅପରେସନ ହେବାପରେ, ନିଜ ଡାକ୍ତରଙ୍କ ସହ ନିୟମିତ ଯୋଗାଯୋଗରେ ରହିବା ସହ ତାଙ୍କର ସମସ୍ତ ପରାମର୍ଶ ଉତ୍ତମ ଭାବେ ଗ୍ରହଣ କରନ୍ତୁ। କୌଣସି ପରିସ୍ଥିତିରେ ଅଗ୍ରହଣୀୟ କଥା, କାନକୁହା କଥା, ଅନ୍ଧବିଶ୍ୱାସ ଏସବୁ ଗ୍ରହଣ କରନ୍ତୁ ନାହିଁ। ସୋସିଆଲ ମିଡ଼ିଆର ହୁଏତ ଆପଣଙ୍କ ଜାଣିବା ପରି କିଛି ଖବର ପାଇ ପାରନ୍ତି କିନ୍ତୁ କୌଣସି ପରିସ୍ଥିତିରେ ବିନା ଡାକ୍ତରଙ୍କ ପରାମର୍ଶରେ ନିଜର ଚିକିତ୍ସା ବା ଔଷଧ ଗ୍ରହଣୀୟତା ଆରମ୍ଭ କରନ୍ତୁ ନାହିଁ। ଜୀବନକୁ ପ୍ରତିକ୍ଷଣ ପାଇଁ ଆନନ୍ଦମୟ ଭାବେ ସକାରାତ୍ମକ ଚିନ୍ତାଧାରା ନେଇ ନିଜ ପାଇଁ ନିଜେ ହିଁ ଏକ ଭଲ ସ୍ୱାସ୍ଥ୍ୟ ଅନୁମୋଦିତ ରୁଟିନ ତିଆରି କରନ୍ତୁ। ସକାଳ ବିଛଣା ଛାଡ଼ିବା ଠାରୁ ସମ୍ଭବ ହେଲେ ଡାକ୍ତରୀ ପରାମର୍ଶରେ ଯୋଗ ପ୍ରାଣାୟାମ, ପ୍ରାତଃ ଭ୍ରମଣ ଭଲ। ସୁଷମ ଖାଦ୍ୟ, ଉତ୍ତମ ପରିବେଶ ଓ ମୁକ୍ତ ବାୟୁ ଯୋଗାଯୋଗ ବ୍ୟବସ୍ଥା ଥିବା କୋଠରୀରେ ଜୀବନ ନିର୍ବାହ ସହ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ନିଜେ ସବୁବେଳେ ଆନନ୍ଦରେ ରହିବା ସହ ଅନ୍ୟ ମାନଙ୍କୁ ଆନନ୍ଦରେ ରହିବା ପାଇଁ ଉତ୍ସାହିତ କରନ୍ତୁ।





**ପ୍ରଫେସର ହୃଦରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
E-mail : drckmishra@gmail.com

ମହକ

## ସମାଜସେବାରେ ବ୍ରତୀ ଚାରି ଯୁବ ଭେଷଜ ବିଜ୍ଞାନୀ :

# ରାକେଶ, ଆଶିଷ, ଆକାଶ ଓ କାଜଲ



କଥାରେ ଅଛି ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ। ଆଜି ଆମ ସଭ୍ୟ ସମାଜ ଯେତେ ଆଗକୁ ଗଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ନେଇ ସମସ୍ତେ ଚିନ୍ତିତ ଆଉ ଉଦବେଗ ପ୍ରକାଶ କରନ୍ତି। ଠିକ୍ ଜୀବନ ଶୈଳୀ ଭୁଲି ଆମେ ଆଜି ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡୁଛେ, କିନ୍ତୁ ରୋଗ ନିବାରଣ ଅପେକ୍ଷା ରୋଗ ନିରାକରଣ ସର୍ବାଦୌ ସ୍ପୃହଣୀୟ ଏହା ଚିରନ୍ତନ ସତ୍ୟ। ସୁଷମ ଖାଦ୍ୟ, ପାନୀୟ, ଯୋଗ, ଧ୍ୟାନ, ସମୟ କ୍ରମେ ଆବଶ୍ୟକତା ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ଗ୍ରହଣ ହିଁ ଆମକୁ ସୁସ୍ଥ କରିପାରିବ। ଆମ ବିକଶିତ ମାନବର ଯୁଗରେ ସ୍ୱାସ୍ଥ୍ୟ ସେବା ନେଇ ଅନେକ ଆଧୁନିକ ବ୍ୟବସ୍ଥା ଥିଲେ ମଧ୍ୟ ଏହା ବେଳେ ବେଳେ ସାଧାରଣ ଲୋକଙ୍କ ପାଇଁ ବ୍ୟୟ ବହୁଳ ହୋଇପଡେ ଆଉ ଉପଯୁକ୍ତ ସମୟରେ ଚିକିତ୍ସା କରିବା ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନଥାଏ। ଆମ ବିକଶିତ ମାନବର ଯୁଗରେ କିଛି ଡାକ୍ତର ବା ଭେଷଜ ବିଜ୍ଞାନୀ ଗବେଷକ ଅଛନ୍ତି ସେମାନେ ଦ୍ୱିତୀୟ ଈଶ୍ୱର ପରି ନିଜକୁ ସମାଜ କଲ୍ୟାଣ କାର୍ଯ୍ୟରେ ନିଃସ୍ୱାର୍ଥପର ଭାବେ ଲାଗିପଡିଛନ୍ତି ଆଉ ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି ଏଥିସହ ରୋଗ ନିରାକରଣ ଉପରେ ନୀରବଛିନ୍ନ ସଚେତନତା ବା ଜନଜାଗରଣ ସୃଷ୍ଟି କରୁଛନ୍ତି । ଏହି ସେବା ମନୋଭାବ ସେହିମାନଙ୍କର ଅତି ମାନବୀୟ ମହାଭାରତୀୟ ଶୋଭାନୀୟ ଜାତୀୟତା ଚିନ୍ତା ଚେତନା ଆଉ ସମୟର ବଳିଷ୍ଠ ଆହ୍ୱାନ। ସମାଜସେବା କଥା ଆସିଲେ ମନରେ ସ୍ୱତଃ ଉଦ୍ରେକ ହୁଏ ଗାନ୍ଧୀ ଗୋପବନ୍ଧୁଙ୍କ କଥା। ସେହି ତ୍ୟାଗ, ଆଦର୍ଶ ଆଉ ସେବା ଭାବନାରେ ସମର୍ପିତ କିଛି ଯୁବ ଭେଷଜ ବିଜ୍ଞାନୀ ଗବେଷକ ବର୍ଗ ଯେଉଁମାନେ ପାଠପଢା ପରେ ସେବାରେ ବ୍ରତୀ ହୋଇ ଯୁବପିଢ଼ିର ଉଦାହରଣ ପାଲଟିଛନ୍ତି ସେମାନେ ହେଲେ ସିନାପ୍ସି ମଲ୍ଟିଡିସିପ୍ଲିନାରୀ ରିହାବ ସେଣ୍ଟର୍, ପଟିଆ ଭୁବନେଶ୍ୱର ସ୍ୱେଚ୍ଛାସେବୀ ଡାକ୍ତର ବଂଧୁ ଡାକ୍ତର ରାକେଶ କୁମାର ସାହୁ, ଡାକ୍ତର ଆଶିଷ ସେଠୀ, ଡାକ୍ତର ଆକାଶ ସ୍ୱାଇଁ ଓ ଡାକ୍ତର କାଜଲ ସିଂହ ପ୍ରମୁଖ। କେନ୍ଦ୍ରାପଡା ଜିଲ୍ଲା ମହନପୁର ତଥା ଅଧୁନା ରାଜଧାନୀ ନିବାସୀ ଅଶୋକ କୁମାର ସେଠୀ ଓ ପ୍ରଭାତୀ ସେଠୀଙ୍କ ସୁପୁତ୍ର ଡାକ୍ତର ଆଶିଷ ସେଠୀ (ପିଟି), ଭୁବନେଶ୍ୱର ଭରତପୁର ନିବାସୀ ଅଶୋକ କୁମାର ସ୍ୱାଇଁ ଓ ସଂଜୁଲତା ସ୍ୱାଇଁଙ୍କ ସୁପୁତ୍ର ଡାକ୍ତର ଆକାଶ ସ୍ୱାଇଁ (ଅଡିଓଲୋଜିଷ୍ଟ ଆଣ୍ଡ ସ୍ପିଚ ଥେରାପିଷ୍ଟ), ଭୁବନେଶ୍ୱର ଖଇରାପଡା ନିବାସୀ ଡାକ୍ତର ଡାକ୍ତର ରାକେଶ କୁମାର ସାହୁ (ଅଡିଓଲୋଜିଷ୍ଟ ଆଣ୍ଡ ସ୍ପିଚ ଥେରାପିଷ୍ଟ), ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ନିବାସୀ ଡାକ୍ତର କାଜଲ ସିଂହ (ଅଡିଓଲୋଜିଷ୍ଟ ଆଣ୍ଡ ସ୍ପିଚ ଥେରାପିଷ୍ଟ) ଅଟନ୍ତି। ସମସ୍ତେ ଇନଷ୍ଟିଚ୍ୟୁଟ ଅଫ୍ ହେଲଥ୍ ସାଇନ୍ସରେ ଭୁବନେଶ୍ୱରରେ ଶିକ୍ଷା ଲାଭ କରୁଥିବା ମେଧାବୀ ବିଦ୍ୟାର୍ଥୀ । ନିକଟ ଅତୀତରେ ଖୋର୍ଦ୍ଧା ଜିଲ୍ଲା କଳୟନପୁର ପଞ୍ଚାୟତ ଉପକଣ୍ଠ ଗଣ୍ଡରପୁର ଗ୍ରାମରେ ସମ୍ପ୍ରତି ଏକ ଅସାଧାରଣ ଦୃଶ୍ୟ ସାକ୍ଷୀ ହୋଇଥିଲା ଯାହାକି ଲୋକଙ୍କ ସ୍ୱାସ୍ଥ୍ୟସେବା ସହ ନବ ଜାଗରଣ ସୃଷ୍ଟି କରିଛି। ଏହି ଚାରି ଯୁବ ଥେରାପିଷ୍ଟ ବର୍ଗ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଏବଂ ସଚେତନତା ଶିବିର ଆୟୋଜନ କରି ଫିଜିଓଥେରାପି, ହିୟରିଂ ଏଡ୍ ସେବା ଏବଂ ଟ୍ରାୟାଲ୍, ଶ୍ରବଣ ଯାଞ୍ଚ ଏବଂ ଅଟିଜିମ୍ ସଚେତନତା ପ୍ରଦାନ କରିଛନ୍ତି। ବୃଦ୍ଧବୃଦ୍ଧା ମାନେ ଆଣ୍ଠୁଗଣ୍ଠି, ଅଣ୍ଟା ଓ ଗଳା ରୋଗ ଉପରେ ଚିକିତ୍ସା ପ୍ରଦାନ, ଶିଶୁମାନଙ୍କ ସ୍ପିଚ୍ ଏବଂ ଭାଷା ବିକାଶ ସମ୍ବନ୍ଧୀୟ ମୂଲ୍ୟାୟନ ପାଇଥିଲେ ଏବଂ ଅଟିଜମ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଅଭିଭାବକମାନେ ନୂଆ ଦିଗଦର୍ଶନ ପାଇଥିଲେ। ବିଭିନ୍ନ ଜିଲ୍ଲାର ଗ୍ରାମାଞ୍ଚଳ ସହରାଞ୍ଚଳ ମାନଙ୍କରେ ପହଞ୍ଚି ନିଜର ସେବା କାର୍ଯ୍ୟ ଜାରି ରଖି ସୁସ୍ଥ ନୀରମୟ ପୃଥିବୀର ମହତ୍ ଶୁଭଙ୍କର ପରିକଳ୍ପନା ବିଭୋର ଏହି ଚାରି ବନ୍ଧୁ। ଏହି ମାନଙ୍କ ଜୀବନୀ ସମଗ୍ର ଯୁବ ସମାଜ ପାଇଁ ପ୍ରେରଣା ଏବଂ ଏମାନେ ଆମ ସମୟର ଯୋଗଜନ୍ମା। ରାଜ୍ୟସାରା ଏହି ଭେଷଜ ବିଜ୍ଞାନୀମାନଙ୍କୁ ଭୂୟସୀ ପ୍ରଶଂସା କରାଯିବା ସହ ସେମାନଙ୍କର ଉତ୍ତରୋତ୍ତର କାମନା କରାଯାଇଛି।

---

# ନାରୀ ଚେତନାର ମାର୍ମିକ ଅନ୍ତଃସ୍ୱର

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଆମ ଜୀବନର ସ୍ୱପ୍ନର ସମ୍ପର୍କ ଖୁବ୍ ନିବିଡ଼ । କେହି ଛୋଟ ସ୍ୱପ୍ନ ଦେଖେ, କେହି ବଡ଼ । ଆଜି ଆମକୁ ଆଶ୍ଚର୍ଯ୍ୟ କରିଦେବା ପରି ଯେଉଁ ମେସିନ୍ ଓ ଜ୍ଞାନକୌଶଳ ଦେଖୁଛୁ ସେଥିପାଇଁ ପ୍ରଥମେ କେହି ଜଣେ ସ୍ୱପ୍ନ ଦେଖିଥିଲା ନିଶ୍ଚୟ । ସ୍ୱପ୍ନ ସାକାର ହେବା ପାଇଁ ସମୟ ଲାଗେ । ମାତ୍ର ଯଦି ହୃଦୟରେ ଉତ୍ସାହ, ନିଷ୍ଠା, ପରିଶ୍ରମର ଇଚ୍ଛା ଥାଏ ତେବେ ଏହା ପୂର୍ଣ୍ଣ ହୋଇଯାଏ । କୁହାଯାଏ ଆମେ ଯାହା ଚିନ୍ତାକରୁ ତାହା ହିଁ ପାଉ । କେହି କେହି ଏକାନ୍ତରେ ବସି ବଡ଼ ବଡ଼ ସ୍ୱପ୍ନ ଦେଖନ୍ତି । ସେ ବିଷୟରେ ଆଲୋଚନା ମଧ କରନ୍ତି, ହେଲେ ତାକୁ ସଫଳ କରିବା ଦିଗରେ କୌଣସି ଚେଷ୍ଟା କରନ୍ତି ନାହିଁ । ଏପରି ସ୍ୱପ୍ନରୁ କିଛି ମିଳେନି, କେବଳ ସମୟ ନଷ୍ଟ ହୁଏ । ସ୍ୱପ୍ନ ସମ୍ପର୍କରେ ଆଲୋଚନା କଲାବେଳେ କିଛି ଜୀବନନାମା ମନେପଡୁଛି। ଗୋଟିଏ ସରଳ ନାରୀର ଅନ୍ତସ୍ୱର ଅନେକ ଶୁଣି ପାରନ୍ତି ନାହିଁ। ବାସ୍ତବ କଥା ହେଉଛି କେବଳ ତଥାକଥିତ ଡିଗ୍ରୀ ହାତକୁ ଆସିଲେ କ'ଣ ନାରୀର ଅସଲ ଜୀବନଟି ବଦଳି ଯାଏ ? ଅନେକଙ୍କ ସ୍ୱପ୍ନ, ଜୀବନର ସଂକଳ୍ପ ଇପ୍ସିତ ଭାବନା ସବୁକିଛି ବିବାହ ଓ ତେଲଲୁଣର ଜଞ୍ଜାଳ, କର୍ମ ସଂସ୍ଥାନ ଓ ଦାୟିତ୍ୱ ଭିତରେ ଚାପି ହୋଇଯାଏ। ଏହା ହେଉଛି ଆମ ସମାଜର ସେହି ଶିକ୍ଷିତା ନାରୀଟିର କାହାଣୀ ଯାହା କେବଳ କାହାଣୀ ବା ମନଗଢ଼ା ଗପନୁହେଁ। ଏହା ମାର୍ମିକ ଅନ୍ତଃସ୍ୱର ଓ ଜୀବନର ମାର୍ମିକ ସତ୍ୟ। ପୁସ୍ତକ ପଢ଼ିବା ବେଳେ ଅନେକ ସଫଳତାକୁ ପଢ଼ିଥିଲା ଓ ବୁଝିଥିଲା କିନ୍ତୁ ତାକୁ ଜୀବନ ଶିଖାଇ ଦେଲା ଯେ ଜୀବନ ହେଉଛି ବୁଝାମଣା। ଶିକ୍ଷା ଥାଇ, ପ୍ରତିଭା ଥାଇ ସବୁକିଛି ଥାଇ ବି ସୁଯୋଗ କେବେ ସାଥୀ ହୋଇପାରିଲା ନାହିଁ।

ଜୀବନର ସଫଳତାର ନିର୍ଦ୍ଧାରଣ ସବୁଠାରୁ ପ୍ରଥମେ ମନ ଭିତରେ ହୁଏ । ନିଷ୍ଠା ସହ ପରିଶ୍ରମ ଦ୍ୱାରା ସେହି ଲକ୍ଷ୍ୟ ପୂରଣ ହୁଏ । ତେଣୁ ସ୍ୱପ୍ନ ଦେଖିବା ଜ୍ଞାନଠାରୁ ମଧ ଗୁରୁତ୍ୱପୂର୍ଣ୍ଣ । ସଫଳ ମହିଳା ଜଣଙ୍କ ଯେ ସବୁବେଳେ ଖୁବ୍ ବୁଦ୍ଧିମାନ ଏକଥା ନୁହେଁ ସେମାନେ ଆମପରି ସାଧାରଣ ମଣିଷ । ମାତ୍ର ସେମାନଙ୍କ ପାଖରେ ଭିନ୍ନ ଭାବରେ କିଛି ଚିନ୍ତା କରିବାର ଓ ଏହାକୁ କାର୍ଯ୍ୟରେ ପରିଣତ କରିବାର ସାହାସ ଥାଏ । ପ୍ରଥମ ପାଦ ବଢ଼ାଇବାକୁ ମନରେ ସାହସ ଥାଏ, ଦ୍ୱିତୀୟ ପାଦ ପକାଇବାର ଉତ୍ସୁକତା ଥାଏ । ଏହାପରେ ତୃତୀୟ ପାଦ ଚାଲିବାର ନିଷ୍ଠା ଥାଏ ।

ଯେଉଁଠାରେ ନଦୀ ଆରମ୍ଭ ହୋଇଥାଏ ସେଠାରେ ଏହା ଖୁବ୍ ସରୁ ଓ ଅଗଭୀର । ମାତ୍ର ଏହା ଯେତେ ଯେତେ ଆଗକୁ ବହିଚାଲେ ସେତେ ଚଉଡା ଓ ଗଭୀର ହୋଇଯାଏ । ଆମ ଜୀବନରେ ସବୁଠାରୁ ବଡ଼ କାମର ଆରମ୍ଭ ଠିକ୍ ଏମିତି ହିଁ ହୁଏ । ଯେମିତି ନଦୀ ନିରନ୍ତର ଭାବରେ ଆଗକୁ ବହିବାରେ ଲାଗିଥାଏ, କୌଣସି ମହିଳା ଯଦି ଠିକ୍ ସେମିତି ନିଜ ଜୀବନରେ ନିରନ୍ତର ପ୍ରୟାସ କରି ଆଗକୁ ବଢ଼େ ତା'ହେଲେ ତାକୁ ସଫଳତା ମିଳେ ।

ସ୍ୱପ୍ନକୁ ସାକାର କରିବା ସ୍ୱପ୍ନ ଦେଖିବା ପରି ସହଜ ନୁହେଁ । ଏହି ସ୍ୱପ୍ନକୁ ବାରମ୍ୱାର ଦେଖିବାକୁ ହୁଏ । ଏଥିସହ ତାକୁ ସତ କରିବା ପାଇଁ ନିରନ୍ତର ଉଦ୍ୟମ ଆବଶ୍ୟକ ହୁଏ । ଏଥିପାଇଁ ସମୟ ଓ ପରିଶ୍ରମ ଦରକାର । ସ୍ୱପ୍ନ ପୂର୍ଣ୍ଣ କରିବାକୁ ସମୟ ଲାଗେ । କିଏ କହେ ଏଥିପାଇଁ ମୋ ପାଖରେ ସମୟ ନାହିଁ, ପଇସା ନାହିଁ, ସହାୟତା କରିବାକୁ କେହି ନାହିଁ, ମାତ୍ର ଏସବୁ ନିରର୍ଥକ । ଆମ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଆମ ଭାଗ୍ୟ କରେନି । ଆମେ ନିଜେ ହିଁ କରିଥାଏ । ମାତ୍ର ସେହି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାକୁ ପ୍ରଥମେ ଆବଶ୍ୟକ ହୁଏ ସକାରାତ୍ମକ ଚିନ୍ତାଧାରା । ଏଥିପାଇଁ ଦୈନନ୍ଦିନ ଜୀବନରେ ଖୁସି ଆବଶ୍ୟକ । ଚିନ୍ତା ଓ ଅବସାଦର ଜୀବନ ଆମ ସ୍ୱାସ୍ଥ୍ୟ ନଷ୍ଟ କରିଦିଏ ଓ ମନରେ ସନ୍ଦେହ ଆଣେ । ଆମେ ନିଜ ସ୍ୱପ୍ନକୁ ସାକାର କରିବାରେ ଅସଫଳ ହୋଇଯାଏ । ଯେତେବେଳେ ଆମ ନିତିଦିନିଆ ଜୀବନରେ ଖୁସି ଆସେ ସେତେବେଳେ ସ୍ୱପ୍ନ ଓ ଜୀବନ ବିଷୟରେ ଆମର ଦୃଷ୍ଟିକୋଣ ବଦଳିଯାଏ । ମନରେ ଆଶା ସୃଷ୍ଟି ହୁଏ । ପାଦ ଆଗକୁ ବଢ଼ାଇବା ପାଇଁ ଆତ୍ମବିଶ୍ୱାସ ଆସିଯାଏ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଲେନ-୬, ଚହଟା ନଗର, ବିଡ଼ାନାସୀ, କଟକ-୧୪**
E-mail : nibeditabehera08021985@gmail.com

---


**ଏହି ସପ୍ତାହ, ସେହି ବର୍ଷ (ମାର୍ଚ୍ଚ ୨୯-ଏପ୍ରିଲ୍ ୪)**

**ଏଇ ସପ୍ତାହ**


ମାର୍ଚ୍ଚ ୨୯, ୧୯୦୧- ଅଷ୍ଟ୍ରେଲିଆରେ ପ୍ରଥମ ଫେଡେରାଲ ନିର୍ବାଚନ ହୋଇଥିଲା।



ମାର୍ଚ୍ଚ ୩୦, ୧୯୭୭-ସ୍ୱାମୀ ଅଗ୍ନିବେଶ ଭାରତୀୟ ଆର୍ଯ୍ୟସଭା ପାର୍ଟିକୁ ଜନତା ଦଳରେ ବିଲୟ କରିଦେଲେ।




ମାର୍ଚ୍ଚ ୩୧, ୧୯୬୧-ବମ୍ବେରେ ଶେଷ ଥର ପାଇଁ ଇଲେକ୍ଟ୍ରିକ୍ ଟ୍ରାମ୍ ଚାଲିଥିଲା।




ଏପ୍ରିଲ୍ ୧, ୧୫୮୨- ଏହି ଦିନ ଫ୍ରାନ୍ସରେ ଫୁଲ୍ସ ଡେ'ର ଆରମ୍ଭ ହୋଇଥିଲା।



ଏପ୍ରିଲ୍ ୨, ୧୯୮୪-ମିଶନ ସୋୟୁଜ ଟି-୧୧ ଅନ୍ତର୍ଗତ ରାକେଶ ଶର୍ମା ପ୍ରଥମ ଭାରତୀୟ ଅନ୍ତରୀକ୍ଷ ଯାତ୍ରୀ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ।



ଏପ୍ରିଲ୍ ୩, ୧୯୩୩-ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତ ମାଉଣ୍ଟ ଏଭେରେଷ୍ଟ ଉପରେ ପ୍ରଥମ ଥର ବିମାନ ଉଡ଼ିଥିଲା।



ଏପ୍ରିଲ୍ ୪, ୧୯୧୭- ଆମେରିକାନ୍ ସିନେଟ୍ ପ୍ରଥମ ବିଶ୍ୱଯୁଦ୍ଧରେ ଭାଗ ନେବା ପାଇଁ ମଞ୍ଜୁରୀ ଦେଇଥିଲା।



# ଉପଭୋଗ୍ୟ ଶବ୍ଦ ପ୍ରଦୂଷଣ ! !



**ଯୁଧିଷ୍ଠିର ମହାରଣା**

ଓଡ଼ିଶାର ଜନୈକ ପ୍ରସିଦ୍ଧ ଓ ଲୋକପ୍ରିୟ ନାଟ୍ୟ ଅଭିନେତାଙ୍କର ଡିଜେର ବିକଟାଳ ଶବ୍ଦରେ ହୃଦଘାତ ହୋଇ ଅକାଳରେ ପରଲୋକ ହୋଇଗଲା, ଏହା କିଛି ଦିନ ତଳର ଘଟଣା । ବାସ୍ତବ କଥା ହେଉଛି ସମାଜରେ ଶବ୍ଦ ପ୍ରଦୂଷଣର ଯେଉଁପରି କାୟା ବିସ୍ତାର ହୋଇଛି ଏହାକୁ ନେଇ ପ୍ରତିବାଦର ସ୍ୱର ଯେପରି ଅନେକଙ୍କ ଭିତରେ ହଜି ଯାଇଛି । ଆଇନ କାନୁନ ବ୍ୟବସ୍ଥା ଦେଖିଲେ ପୋଲିସର ପ୍ରଶାସନିକ ବ୍ୟବସ୍ଥାରେ ଶବ୍ଦର ସ୍ତର ଓ ଡିଜେ ଉପରେ କଟକଣା ଜାରି ରହିଛି । କିନ୍ତୁ କ୍ୱଚିତ କ୍ଷେତ୍ରରେ ଏହାର ସଫଳ ବ୍ୟବହାର ଦେଖାଦେଉଛି । ଅନେକ ସମୟରେ ଦେଖାଯାଏ ପୂଜା ମଣ୍ଡପ ବ୍ୟତୀତ ସପିଂ ମଲ, ମନ୍ଦିର, ହାଟ ଆଦି ସର୍ବସାଧାରଣ ସ୍ଥାନରେ ଛାଡ଼ି ଦୁଲୁକାଇବା ଭଳି ଡିଜେ ବାଜୁଥିଲେ ମଧ୍ୟ ଏଥିପ୍ରତି ସମସ୍ତେ ଦେଖି ନଦେଖିବା ଭଳି ଅଭିନୟ କରୁଥିଲେ । ଏହି କଟକଣା ଉଲ୍ଲଙ୍ଘନକାରୀଙ୍କ ମଧ୍ୟରୁ ଯଦି ଜଣକ ବିରୋଧରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା ତେବେ ଶବ୍ଦ ରାକ୍ଷସର ଦୌରାତ୍ମ୍ୟକୁ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇପାରନ୍ତା । ଅନେକ ହୁଏତ ଏହା ମଧ୍ୟ କହିପାରନ୍ତି ଯେ, କିଛି ବର୍ଷ ତଳେ ଦେଶର ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ମହାନଗରରେ ବାଣଫୁଟା ଉପରେ ସଂପୂର୍ଣ୍ଣ କଟକଣା ଜାରି କରିଥିଲେ କିନ୍ତୁ କଟକଣାକୁ ଗ୍ରହଣ କରିବେ କ'ଣ ବରଂ ଦେଶର ସବୁ ରେକର୍ଡ଼ ଦିଲ୍ଲୀରେ ହିଁ ଭାଙ୍ଗିଥିଲା । ବଜାରକୁ କିପରି ଏ ବାଣ ଆସୁଛି ପ୍ରଶାସନ ଦେଖିବା ପ୍ରଥମ କାର୍ଯ୍ୟ କିନ୍ତୁ ଲୋକଦେଖାଣିଆ କଟକଣା ଧର୍ମକୁ ଆଖି ଠାର ମାରିଲା ପରି ।

ବିବାହ ଉତ୍ସବରେ ସମାନ ଧାରା ଜାରି ରହିଛି, ଯାହା ଚଳିତ ବର୍ଷ ମଧ୍ୟ ଜାରି ରହିବା ସମ୍ଭାବନା ପ୍ରାୟତଃ ନିଶ୍ଚିତ । ଆକାଶକୁ ଥରାଇ ଦେବା ଭଳି ରକେଟ ବାଣର ଗୁରୁଗର୍ଜନ ଡିଜେର ବୁକୁଫଟା ଶବ୍ଦ ତରଙ୍ଗର କୁପ୍ରଭାବ ଯେତେ ସୁଦୂରପ୍ରସାରୀ ହେଲେ ହେଁ ଏସବୁ ପ୍ରତି ଆମେ ନିଜେ ସଚେତନ ନ ହେବା ଦ୍ୱାରା ଆମ ଅଲକ୍ଷ୍ୟରେ ନିଜର ଓ ଉତ୍ତରପିଢ଼ିର କ୍ଷତି ସାଧନ କରିଚାଲୁଛେ । ଗତ କିଛିବର୍ଷ ଧରି ଖୋଦ ବରଯାତ୍ରୀରେ ସାମିଲ ହୋଇଥିବା ଲୋକ ଏପରିକି ବରପିତା ଡିଜେର ଉତ୍କଟ ଶବ୍ଦରେ ପ୍ରାଣ ହରାଇଥିବା ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁଥିବାର ଖବରମାନ ଗଣମାଧ୍ୟମରେ ପ୍ରକାଶ ପାଉଛି । ଏହାସତ୍ତ୍ୱେ ବିନା ଡିଜେ ଓ ଉତ୍କଟ ଶବ୍ଦ ସୃଷ୍ଟିକାରୀ ବାଣ ବିନା ବରଯାତ୍ରୀ ଆଗ ବାହାରି ପାରୁନାହିଁ କି ପୁଲିସ ପ୍ରଶାସନ କଠୋର ହେଉନାହିଁ ।

ବର୍ତ୍ତମାନର ସମୟରେ ଡିଜେର ଛାତିଥରା ଘଟଣାଟିକୁ ଚିନ୍ତା କଲାବେଳକୁ ଏହା ଅନୁଭବ ହେଉଛି ଯେ ଆମ୍ଭେମାନେ ଜୀବନ ଶୈଳୀକୁ ଏବଂ ଆମର ସୁଖଦ କାର୍ଯ୍ୟକ୍ରମକୁ ଆଡ଼ମ୍ବରପୂର୍ଣ୍ଣ ଓ ଉପଭୋଗ୍ୟ କରିବାପାଇଁ ଯେଉଁ ସବୁ ବିଜୁଳି ଚାଳିତ ଓ ଯାନ୍ତ୍ରିକ ଉପକରଣର ସହଯୋଗ ନେଉଛୁ ସେ ସବୁ ଆମର ପରୋକ୍ଷରେ ହୁଏତ ଅଜାଣତରେ ମଣିଷ, ପଶୁ-ପକ୍ଷୀ, କୀଟ-ପତଙ୍ଗ ଓ ବୃକ୍ଷଲତା ପାଇଁ ନିରବ ଘାତକର ରୂପ ନେଉଛି । ବିଜ୍ଞାନର ଅଗ୍ରଗତି ସହିତ ଶବ୍ଦ ରାକ୍ଷସର ରୂପ ଆହୁରି କରାଳ ଓ ତା'ର ପ୍ରକୃତି ଅଧିକ କ୍ରୁର ହେବାରେ ଲାଗିଛି । ଏପରିକି ବିଦ୍ୟାଳୟର ବ୍ୟାୟାମ ପାଇଁ ବାଜୁଥିବା ଡ୍ରମ ଓ ହ୍ୱିସିଲରୁ ଆରମ୍ଭ କରି ମଠ ମନ୍ଦିରରେ ଢ଼ୋଲ, ରୋଷଣୀର ସଙ୍ଗୀତ ଓ ଆତସବାଜୀ, ଗାଡ଼ିର ହର୍ଣ୍ଣ ମଧ୍ୟ କାହାର ତତ୍କାଳ ଜୀବନ ନେଇପାରେ, ନିରବ ଘାତକ ସାଜି ଜୀବନକୁ ଅର୍ଥବ କରିପାରେ । ଏହା ଆମେ କ୍ଷଣିକ ଆନନ୍ଦର ମୋହରେ ଭୁଲି ଯାଉଛୁ କିମ୍ବା ଜାଣି ମଧ୍ୟ ଅବହେଳା କରୁଛୁ । ଅନେକ ହୁଏତ ଜାଣିନଥିବେ, ଆତସବାଜି ଆମ ପ୍ରିୟ ଗୃହପାଳିତ ପଶୁଙ୍କ ପାଇଁ ଯେ ମୃତ୍ୟୁର ଯନ୍ତ୍ରଣା ଆଣୁଛି ତାହା ମଧ୍ୟ ଆମେ ଜାଣି ଅଜଣା ହେଉଛୁ ।



ଡିଜେର ଛାତିଥରା ବିକଟାଳ ଶବ୍ଦ, ବାଣଫୁଟା, ରାବଣ ପୋଡ଼ି, ଜଳ ପ୍ରଦୂଷଣ ଏ ସବୁ ଉପରେ ପ୍ରଶାସନିକ ଭାବରେ ଅନେକ କଠୋର ଆଇନ ଓ ଦଣ୍ଡର ବ୍ୟବସ୍ଥା ରହିଛି । କେଉଁ ଅଞ୍ଚଳରେ କେତେ ସ୍ତରର ଏବଂ କେଉଁ ମାନ ଦଣ୍ଡ ଗ୍ରହଣ କରାଯାଇ ଶବ୍ଦ ଡେସିବଲ ବ୍ୟବହାର କରାଯିବ ସେ ନେଇ ସର୍କୁଲାର ରହିଛି । କେବଳ ସେତିକି ନୁହେଁ ଏହାକୁ ଯେଉଁମାନେ ବି ଖିଲାପ କରୁଥିବେ ସେମାନଙ୍କ ବିରୋଧରେ କେଉଁ ସ୍ଥାନରେ, କେଉଁ ତଥ୍ୟାବଳୀ ସହ ଅଭିଯୋଗ ରଖିପାରିବେ ସେ ନେଇ ମଧ୍ୟ ଆଇନରେ ସ୍ପଷ୍ଟ ଭାବରେ ଅନେକ ନିର୍ଦ୍ଦେଶାବଳୀ ଉଲ୍ଲେଖ ରହିଛି । ଏଠାରେ ଏକ ତଥ୍ୟ ରଖିପାରୁ କି ଯେ ଶବ୍ଦର ଗ୍ରହଣୀୟ ଡେସିବଲ ମାପ ମାନଦଣ୍ଡ ସବୁକ୍ଷେତ୍ର ପାଇଁ ସମାନ ନଥାଏ । ଶିଳ୍ପ ନିର୍ମାଣ କ୍ଷେତ୍ର, ଆକାଶପଥ, ରେଳପଥ, ସଡ଼କପଥ ସବୁ ପାଇଁ ଅଲଗା ଅଲଗା ଆଇନର ନିର୍ଦ୍ଦେଶାବଳୀ ରହିଛି କିନ୍ତୁ ସଚେତନତା ନଥିବାରୁ ଓ ପ୍ରଶାସନିକ କ୍ଷେତ୍ରରେ ଉଦାସୀନତା ମାନସିକତା ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ । ବର୍ତ୍ତମାନର ଜଳବାୟୁର ଯେଉଁପରି ବିଭିନ୍ନ ବ୍ୟତିକ୍ରମ ଓ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ସବୁ ଦେଖାଦେଉଛି ଏ ସବୁକୁ ଦେଖିଲେ ଉପରୋକ୍ତ ପ୍ରଦୂଷଣ କ୍ଷେତ୍ର କିପରି ଯେ ଜୀବଜଗତ ଠାରୁ ପ୍ରାଣୀଜଗତ ଆମ ସମସ୍ତଙ୍କ ପାଇଁ ବିଷର ବଳୟ ସୃଷ୍ଟି କରୁଛନ୍ତି ତାହା ଚିନ୍ତାଜନକ ନିଶ୍ଚୟ । ଶ୍ରାବଣ ମାସରେ ଧାରା ଶ୍ରାବଣର ବର୍ଷା ଆଉ ନାହିଁ, ଗାଁ ଗଣ୍ଡାରେ ରହିଥିବା ବିଲର ପାଣି ବା ପୋଖରୀ ହୁଡ଼ାରେ ଆଉ ବେଙ୍ଗ ରଡ଼ି ବି ଶୁଭୁନାହିଁ, କ୍ୱଚିତ କେଉଁଠି କୋଇଲିଟି ରାବ ଦେଉଛି, ଖରା ଦିନରେ ଅଚାନକ କାଳବୈଶାଖୀ ଓ ବର୍ଷା ଏମିତିରେ କହିଲେ ତ ଆମ୍ଭେମାନେ ପ୍ରାୟତଃ ତିନଟି ଋତୁ ଅର୍ଥାତ୍ ବର୍ଷା, ଶୀତ ଓ ଗ୍ରୀଷ୍ମ ଅନୁଭବ କରୁ । ଦିନକୁ ଦିନ ଆମ୍ଭେମାନେ ଜୀବନକୁ ଅନ୍ୟ ମାନଙ୍କ ଠାରୁ ଉଚା ଦେଖାଇବା ପାଇଁ ଅନେକ ଅର୍ଥ ଅପଚୟ କରି ହୁଏତ କିଛି କ୍ଷଣ ପାଇଁ ସମୟକୁ ଉପଭୋଗପୂର୍ଣ୍ଣ କରାଯାଇପାରେ । କିନ୍ତୁ ଏହା ନିଶ୍ଚିନ୍ତ ପ୍ରଦୂଷଣର ଭୟାବହତା ଯଦି ଆଜିଠାରୁ ସଠିକ ଭାବେ ବିଚାର କରାଯାଇ ମାନସିକତା ଓ ପରିବର୍ତ୍ତନକୁ ଗ୍ରହଣ କରାନଯାଏ ତେବେ ଆମ୍ଭେମାନେ ଯେ ଏକ ଭୟାନକ ଉତ୍କଟ ପ୍ରଦୂଷଣର ଗର୍ତ୍ତ ଭିତରକୁ ଯାଉଛେ ଏହା ମନେରଖିବା ଉଚିତ । ଏହାକୁ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ, ସତର୍କ କରିପାରିଲେ ନିଜେ ସୁରକ୍ଷିତ ରହିପାରିବା ଏହାସହ ଆମ ଆସୁଥିବା ପିଢ଼ି ଓ ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ଜୀବଜଗତର ସୁରକ୍ଷା ହୋଇପାରିବ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୧୬୩୫୨୮**

# ଶ୍ରୀକ୍ଷେତ୍ର ଅଷ୍ଟଚଣ୍ଡୀ

କବୀର କୁମାର ଜେନା



ପୁରୁଷୋତ୍ତମ କ୍ଷେତ୍ର ବା ଉଡ୍ରପୀଠ, ପୀଠ ଚତୁଷ୍ଟୟ ମଧ୍ୟରେ ପ୍ରଥମ ଏବଂ ଓଡ୍ରେଶ ହେଉଛନ୍ତି ଶ୍ରୀଜଗନ୍ନାଥ। ଏହି କ୍ଷେତ୍ରର ଉପାସନା ତତ୍ତ୍ୱ, ଅର୍ଚ୍ଚନା ଓ ମାହାତ୍ମ୍ୟ ମଧ୍ୟରେ ଶକ୍ତିତତ୍ତ୍ୱ ପ୍ରଚ୍ଛନ୍ନ ଭାବରେ ଜଡ଼ିତ। ଯଥା ଭଗବାନ ଶ୍ରୀକୃଷ୍ଣଙ୍କ ଭଗିନୀ ସୁଭଦ୍ରା ଦେବୀ କୃଷ୍ଣପ୍ରିୟା ଶ୍ରୀରାଧା ବିଷ୍ଣୁପ୍ରିୟା - ମହାଲକ୍ଷ୍ମୀ, ଯୋଗମାୟାଙ୍କୁ ବିମଳା ରୂପେ ଗ୍ରହଣ କରାଯାଇଥିବା ଶାସ୍ତ୍ରାନୁମୋଦିତ। ପରମ ଶକ୍ତିମୟୀ ଦେବୀ ଗୌରୀ, ମା'ଲକ୍ଷ୍ମୀ ଆଦେଶରେ ନିଜକୁ ଅଷ୍ଟ ପ୍ରକାର ମୂର୍ତ୍ତି ଧାରଣ କରି ଶ୍ରୀକ୍ଷେତ୍ର ପୁରୀର ଅଷ୍ଟ ଦିଗରେ ଅବସ୍ଥାନ କରିଅଛନ୍ତି। ଏହି ଆଠଜଣ ଶକ୍ତିଶାଳୀ ଦେବୀମାନେ ଏ କ୍ଷେତ୍ରରେ ରୁଣ୍ଡୀଭୂତ ହୋଇ ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ପାଇଁ ଜାଗ୍ରତ ପ୍ରହରୀ ସ୍ୱରୂପା।





ବଟମୂଳରେ ମଙ୍ଗଳା : ଶ୍ରୀମନ୍ଦିର ଭିତର ବେଢ଼ାସ୍ଥ କଳ୍ପବଟ ମୂଳରେ ଦେବୀ ମଙ୍ଗଳାଙ୍କ ଭବ୍ୟ ଆସ୍ଥାନ ଅବସ୍ଥିତ। ଦୁର୍ଗାଦେବୀଙ୍କ ଦକ୍ଷିଣ ନେତ୍ରରୁ ସମ୍ଭୂତା ମା'ମଙ୍ଗଳା ସର୍ବମଙ୍ଗଳ କାରିଣୀ, ସର୍ବବିଘ୍ନ ବିନାଶନୀ ଏବଂ ପଶ୍ଚିମାଭିମୁଖୀ। ପରମ ବୈଷ୍ଣବୀ, ଶରଣଦାତ୍ରୀ ମା'ବଟମଙ୍ଗଳା କଳ୍ପବଟ ମୂଳରେ ବିରାଜମାନ କରିଥିବାରୁ ଭକ୍ତମାନଙ୍କର ସକଳ କାମନା ପୂରଣ କରନ୍ତି ଏବଂ ତାଙ୍କ ଧ୍ୟାନବଳରେ ସମସ୍ତ ପ୍ରକାର ସଂକଟ ଦୂର ହୁଏ। ଅତ୍ୟନ୍ତ ନିବିଡ଼ ସମ୍ପର୍କ ରହିଥିବା ହେତୁ ବଟମଙ୍ଗଳା ଏବଂ ବିମଳାଦେବୀ ପରସ୍ପର ଉଭୟଙ୍କୁ ଦୃଷ୍ଟିପାତ କରିଥାନ୍ତି। ସେ ଶ୍ରୀମନ୍ଦିରର ନୀଳଚକ୍ର ପ୍ରତି ମଧ୍ୟ ଦୃଷ୍ଟିପାତ କରିଥାନ୍ତି।

ଦେବୀ ବିମଳା : ମତ୍ସ୍ୟପୁରାଣ, ପଦ୍ମପୁରାଣ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ଦେବୀ ଭାଗବତ, କପିଳ ସଂହିତା ପ୍ରଭୃତି ଗ୍ରନ୍ଥରେ ପରମ ଶକ୍ତିମୟୀ ମା' ବିମଳାଙ୍କ ବର୍ଣ୍ଣନା କରାଯାଇଛି। ମା'ବିମଳାଙ୍କ ସହିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଅଛି ନିବିଡ଼ ସମ୍ପର୍କ। ଏହି କ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କୁ ରାଜରାଜେଶ୍ୱର ଓ ପୃଥିବୀର ଶ୍ରେଷ୍ଠ ଆଦିମାତା ମା'ବିମଳାଙ୍କୁ କ୍ଷେତ୍ରେଶ୍ୱରୀ, ରାଜରାଜେଶ୍ୱରୀଙ୍କ ଅଧିଷ୍ଠାତ୍ରୀ ଦେବୀ ବୋଲି କୁହାଯାଏ। 'ମାଦଳାପାଞ୍ଜି'ରୁ ଜଣାଯାଏ ଯଯାତି କେଶରୀଙ୍କ ୫୯ ଅଙ୍କ ମେଷ ୨୫ ଦିନ ୧୮ ହାତ ଉଚ୍ଚତା ବିଶିଷ୍ଟ ମା'ବିମଳାଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା। 'ସ୍କନ୍ଦ ପୁରାଣ'ରେ ବର୍ଣ୍ଣିତ ଅଛି ଯେ, ଶଙ୍ଖାକାର ଶ୍ରୀକ୍ଷେତ୍ର ପୁରୀର ତୃତୀୟ ଆବର୍ତ୍ତ ସୀମାରେ ଥିବା ବିମଳା ଦେବୀ ଭୁକ୍ତି ଓ ମୁକ୍ତିଦାୟିନ।

ଦେବୀ ସର୍ବମଙ୍ଗଳା : ଶଙ୍ଖକ୍ଷେତ୍ରର ପୃଷ୍ଠଭାଗ ବିମାନବଡୁ ସାହି ମୁଣ୍ଡରେ ପରମକଲ୍ୟାଣମୟୀ ଦେବୀ ସର୍ବମଙ୍ଗଳା ଅବସ୍ଥାନ କରୁଅଛନ୍ତି। ସୁନ୍ଦର କାରୁକାର୍ଯ୍ୟମୟ ମା'ଙ୍କ ମନ୍ଦିରର ଉଚ୍ଚତା ପ୍ରାୟ ୩୦ ଫୁଟ। ବିମାନ, ଜଗମୋହନ ଓ ମୁଖଶାଳା ଏହିପରି ମନ୍ଦିରଟି ତିନି ଭାଗରେ ବିଭକ୍ତ। ଗର୍ଭଗୃହ ଭିତରେ ରମଣୀୟ ପ୍ରସ୍ତର ନିର୍ମିତ ସିଂହାସନ ଉପରେ ମା' ବିରାଜିତା। କଳା ମୁଗୁନି ପଥରରେ ନିର୍ମିତ ମା'ଙ୍କ ଉଚ୍ଚତା ପ୍ରାୟ ଦୁଇଫୁଟ। କମନୀୟ ପ୍ରସ୍ତର ନିର୍ମିତ ପଦ୍ମଫୁଲ ଉପରେ ଦେବୀ ପଦ୍ମାସନରେ ଆସୀନା ଦେବୀ ଦ୍ୱିନେତ୍ରା ଏବଂ ଚତୁର୍ଭୁଜା। ଉପର ଦକ୍ଷିଣ ହସ୍ତରେ ଅଙ୍କୁଶ ଏବଂ ବାମ ହସ୍ତରେ ପଦ୍ମଫୁଲ, ନିମ୍ନ ଦକ୍ଷିଣ ହସ୍ତରେ ବରଦ ମୁଦ୍ରା ଓ ବାମ ହସ୍ତରେ ଅଭୟ ମୁଦ୍ରା, ମଥାରେ ସୁବର୍ଣ୍ଣ ଚିତା। ସହାସ୍ୟବଦନା ମା'ପୂର୍ବଦିଗାଭିମୁଖୀ।



ଦେବୀ ଅର୍ଦ୍ଧାଶନୀ : ସିଂହ ଦ୍ୱାରରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯିବା ବାଟରେ ବଡ଼ଦାଣ୍ଡରେ ଦଇତାପଡ଼ା ସାହିର ପାର୍ଶ୍ୱରେ ବଳଗଣ୍ଡି ପୂର୍ବରୁ ଏହି ମନ୍ଦିର ପଡ଼େ। ସାହାଣ ପଥରରେ ନିର୍ମିତ ଦ୍ୱିଭୁଜା ଅର୍ଦ୍ଧାଶନୀଙ୍କର ରମଣୀୟ ବିଗ୍ରହର ଉଭୟ ପାର୍ଶ୍ୱରେ ପାର୍ଶ୍ୱଦେବୀ ଛାୟା ଓ ମାୟାଙ୍କ ମୂର୍ତ୍ତି ରହିଛି। ମୂର୍ତ୍ତିର କଟିଦେଶ ଉପର ଅଂଶକୁ ଆଚ୍ଛାଦିତ କରି ଦେବୀ ସୁଭଦ୍ରାଙ୍କ ପରି ମୁଖ ରହିଛି। ଯାହା ବର୍ଷକୁ ୨ଥର ଆଶ୍ୱିନ ଏବଂ ଆଷାଢ଼ ମାସରେ ବନକ ଲାଗି ହୁଅନ୍ତି। ଦେବୀ ସୁଭଦ୍ରାଙ୍କ ଅଙ୍ଗ ସମ୍ଭୂତା ହୋଇଥିବାରୁ ଅର୍ଦ୍ଧାଶନୀଙ୍କ ମୁଖାରବିନ୍ଦ ସୁଭଦ୍ରା ଦେବୀଙ୍କ ମୁଖ ସାଦୃଶ୍ୟ ଥିବା ଜଣାଯାଏ। ପୁଣି ଯେ ଯଜ୍ଞପତ୍ନୀ ସ୍ୱାହାଙ୍କର ପ୍ରତୀକ ବିଗ୍ରହ। ଶ୍ରୀଜଗନ୍ନାଥଙ୍କ କଳ୍ପିତ ଜନକ ଯଜ୍ଞ ଯାହାଙ୍କ ଶକ୍ତି ଯୂପର ପ୍ରତୀକ ଅଟେ। ଏହି ଯୂପଙ୍କର ନାମ ଅର୍ଦ୍ଧଶୋଷଣା ବା ଅର୍ଦ୍ଧାଶନୀ। ସେହିଠାରେ ଯଜ୍ଞର ଉଦକ ଅର୍ପିତ ହୋଇଥିବାରୁ ତାଙ୍କର ଏପରି ନାମ ହୋଇଅଛି।

ଦେବୀ କାଳରାତ୍ରି ବା ଦକ୍ଷିଣକାଳୀ : ଶ୍ରୀମନ୍ଦିରର ପୂର୍ବ ଦକ୍ଷିଣ ଦିଗସ୍ଥ କାଳିକା ଦେବୀ ସାହିତରେ ଦେବୀ କାଳରାତ୍ରି ବା ଦକ୍ଷିଣକାଳୀଙ୍କ ସ୍ୱତନ୍ତ୍ର ନିବାସ ବା ମନ୍ଦିର ଅବସ୍ଥିତ। ସ୍କନ୍ଦ ପୁରାଣରେ ତାଙ୍କୁ କାଳରାତ୍ରି ଦକ୍ଷିଣସ୍ୟାମ ବୋଲି କୁହାଯାଇଅଛି। ୫୦ଫୁଟ ଉଚ୍ଚତା ବିଶିଷ୍ଟ ସମ୍ମୁଖ ଭାଗ ପୂର୍ବ ଦିଗକୁ ରହିଥିବା ମନ୍ଦିରର ଗର୍ଭଗୃହରେ ପ୍ରସ୍ତର ନିର୍ମିତ ସିଂହାସନ ଉପରେ କଳା ମୁଗୁନି ପଥରର ନିର୍ମିତ, ପ୍ରାୟ ଦେଢ଼ ଫୁଟ ଉଚ୍ଚତା ଦେବୀ ଶବାସୀନା, ଚତୁର୍ଭୁଜା ତ୍ରିନେତ୍ର। ସର୍ବଦା ଚନ୍ଦନ ଲେପିତ ମୁଖାରବିନ୍ଦ, ମସ୍ତକରେ ଜୁଡ଼ା ଓ କିରୀଟ, ଦକ୍ଷିଣ ଉର୍ଦ୍ଧ୍ୱ ହସ୍ତରେ ଖଡ଼ଗ, ନିମ୍ନ ହସ୍ତରେ ଜାପାମାଳି, ବାମ ଉର୍ଦ୍ଧ୍ୱ ହସ୍ତରେ ଅମୃତପାତ୍ର। ନିମ୍ନହସ୍ତରେ ଆବକ୍ଷ ନୃମୁଣ୍ଡମାଳୀ, ବାମ ପାର୍ଶ୍ୱରେ ମହାକାଳ ଲିଙ୍ଗ, ମନ୍ଦିର ସମ୍ମୁଖ ଦ୍ୱାର ଦକ୍ଷିଣ ଭାଗରେ ବିମଳା, ବାମପାର୍ଶ୍ୱରେ ଭୁବନେଶ୍ୱରୀ, ବେଢ଼ାର ଦକ୍ଷିଣରେ ବାରାହୀ ପଶ୍ଚିମରେ ଗଣେଶ, ଉତ୍ତରରେ ନାରସିଂହୀ, ମନ୍ଦିର ଦ୍ୱାରସ୍ଥ ପାର୍ଶ୍ୱ ଦେବଦେବୀମାନେ ରହିଛନ୍ତି।

ଦେବୀ ମରୀଚିକା : ବଡ଼ଦାଣ୍ଡର ବାମପାର୍ଶ୍ୱସ୍ଥ ମରୀଚି କୋଟ ଛକ ନିକଟରେ ପଶ୍ଚିମାଭିମୁଖୀ ମରୀଚିକା ବିରାଜମାନ କରିଛନ୍ତି। ବିମାନ, ଜଗମୋହନ ଓ ମୁଖଶାଳାରେ ବିଭକ୍ତ ୧୫ଫୁଟ ବିଶିଷ୍ଟ ମନ୍ଦିରର ଗର୍ଭଗୃହ ମଧ୍ୟରେ ସିଂହାସନ ଉପରେ ପଶ୍ଚିମାଭିମୁଖୀ, କଳା ମୁଗୁନି ପଥରରେ ନିର୍ମିତ ୨ଫୁଟ ଉଚ୍ଚତା ବିଶିଷ୍ଟ ଅଷ୍ଟଭୂଜାଦେବୀ ମରୀଚିକା ଶବାରୂଢ଼ା, ମା'ଙ୍କ ଉର୍ଦ୍ଧ୍ୱ ଚତୁର୍ଭୁଜେ ଖଡ଼ଗ, ଶଙ୍ଖ, ଅଙ୍କୁଶ, ଜପାମାଳା ଏବଂ ନିମ୍ନ ଚତୁର୍ଭୁଜରେ ଗଦା, ଚକ୍ର, ତ୍ରିଶୂଳ ଏବଂ ଅମୃତ କଳସ ଶୋଭା ପାଉଛି। ମନ୍ଦିରରେ ମୁକ୍ତେଶ୍ୱର ମହାଦେବ, ପଞ୍ଚମୁଖୀ ହନୁମାନ ଓ ଶ୍ରୀକୃଷ୍ଣ, ଦଶ ମହାବିଦ୍ୟା ପୂଜା ପାଉଛନ୍ତି। ମୁଖଶାଳାର ଦ୍ୱାରଦେଶରେ ଦୁଇଟି ସିଂହ, ଗଣେଶ, ସରସ୍ୱତୀ ଓ ଲକ୍ଷ୍ମୀ ମୂର୍ତ୍ତି ଉପରି ଭାଗରେ ରହିଛନ୍ତି।

ଦେବୀ ଚଣ୍ଡରୂପା : କାଳରାତ୍ରିଙ୍କ ପଶ୍ଚାତ ଭାଗରେ ଦେବୀ ଚଣ୍ଡରୂପା ଏବଂ ତାଙ୍କ ସମ୍ମୁଖରେ କାଳିକା ରହିଛନ୍ତି। 'କାଳରାତ୍ର୍ୟାସ୍ତଥା ପଶ୍ଚାତ୍ ଚଣ୍ଡରୂପା ବ୍ୟବସ୍ଥିତଃ।' (ସ୍କନ୍ଧ ପୁରାଣ) ପୁଣି 'ଚାମୁଣ୍ଡାୟ ପୁରୋଭାଗେ କାଳିକା ତାପ ନାଶିକା' (ନୀଳାଦ୍ରି ମହୋଦୟ)। ହରଚଣ୍ଡୀ ସାହି ଆଖଡ଼ା ନିକଟରେ ଚାମୁଣ୍ଡା ଦେବୀ 'ଚାମଣ୍ଡା ମୁଣ୍ଡି' ବୋଲି ଲୋକେ କହିଥାନ୍ତି। ଶବ ଉପରେ ଛନ୍ଦାୟିତା ଠାଣିରେ ଦଣ୍ଡାୟମାନ ଦେବୀ ଚତୁର୍ଭୁଜା ଏବଂ ତାଙ୍କ ହସ୍ତରେ ଖଡ଼ଗ, ଢ଼ାଲ, ଖର୍ପର ଓ ତ୍ରିଶୂଳ, ଗଳାରେ ମୁଣ୍ଡମାଳା ଶୋଭାପାଉଛି। ମୂଳ ଉଗ୍ରରୂପୀ ଦେବୀ ବର୍ତ୍ତମାନ ଶାନ୍ତ ମୂର୍ତ୍ତିର ପଶ୍ଚାଦ୍ ଭାଗରେ ରହିଛନ୍ତି। ଓଡ଼ିଶୀ ସଙ୍ଗୀତର ଅନ୍ତୁଡ଼ିଶାଳା ଭାବେ ପରିଚିତ ମନ୍ଦିରଟି ବିମାନ, ଜଗମୋହନ ଓ ନାଟ ମଣ୍ଡପ ଏହିପରି ତିନି ଭାଗରେ ବିଭକ୍ତ। ଏହି ଅଷ୍ଟଚଣ୍ଡୀଙ୍କ ଦର୍ଶନ ଓ କୀର୍ତ୍ତନ କଲେ ମନୁଷ୍ୟର ସମସ୍ତ ପାପକ୍ଷୟ ଓ ଅଶ୍ୱମେଧ ଯଜ୍ଞର ଫଳ ଲାଭ ହୋଇଥାଏ। 'ଏତାସାମଷ୍ଟ ଶକ୍ତି ନାଂ ଦର୍ଶନାତ୍କୀର୍ତ୍ତ ନାଉଥା, ନଶ୍ୟନ୍ତି ସର୍ବପାପାନି ହୟମେଧଫଳଂଲଭେତ୍।' **(ସ୍କନ୍ଧପୁରାଣ - ୪/୫୦)**

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୬୭୪୯୯୦**

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ପାଠ ହେଲାନି ନାଟ ତ ହେଲା-ବ୍ରଜ ପାଣି

ମୁଁ ବହି ବସ୍ତାନୀ ଧରି ସ୍କୁଲ ଯାଉଥିଲେ ବି ମୋର ପାଠରେ ମନ ନଥିଲା । ମୁଁ ନାଟତାମସା କରିବାକୁ ଏଣେତେଣେ ପଳେଇ ଯାଉଥିଲି । ଗାଁରେ ଡ୍ରାମା ହେଉ ଅବା ଗୀତ ନାଚ, ସବୁଠି ମୋର ଉପସ୍ଥିତ । ଏଣୁ ମୋ ବଡ଼ ଭାଇ ମୋତେ ନେଇ ନାଚ ପାର୍ଟିରେ ଛାଡ଼ି ଦେଇ ଆସିଲେ । ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ମାମୁଁ ମୋ ବାପା ହୋଇଥିବାରୁ ମୁଁ ସମ୍ପର୍କରେ ତାଙ୍କ ଭାଇ ଥିଲି । ମୋ ଭାଇ ନେଇ ଯେତେବେଳେ ରଘୁନାଥ ପଣ୍ଡାଙ୍କ ଯାତ୍ରା ପାର୍ଟିରେ ଛାଡ଼ିଲେ ମୋର ବୟସ ହୋଇଥିଲା ମାତ୍ର ୧୧ବର୍ଷ । ସପ୍ତମାତୃକା ଅପେରା କରି ରଘୁନାଥ ପଣ୍ଡା ବିଭିନ୍ନ ଅଞ୍ଚଳରେ ଯାଇ ନାଟକ ପରିବେଷଣ କରୁଥିଲେ । ମୁଁ ସିନା ନାଟତାମସାରେ ମାତି ଯାଉଥିଲି, ବାସ୍ତବରେ ମୋର ସେସବୁ ପ୍ରତି ଏତେ ଧ୍ୟାନ ଧାରଣା ନଥିଲା । ମୋତେ ପ୍ରଥମେ ରଘୁନାଥ ପଣ୍ଡା ପଚାରିଲେ କଣ ଜାଣିଛୁ ? ମୁଁ ସେତେବେଳେ ତାଙ୍କୁ କହିଥିଲି-ମୁଁ ଗୀତ ବୋଲି ପାରିବି । ସେ କହିଲେ-କଣ ଗୀତ ଜାଣିଛୁ ବୋଲିଲୁ । ମୁଁ ସେତେବେଳେ ଗାଇଥିଲି-ବୋଉ ଲୋ କି କହିବି ନୂଆ ଭାଉଜଙ୍କ କଥା । ଏହି ଗୀତ ଶୁଣି ସେ ଖୁସି ହୋଇଯାଇଥିଲେ ଓ ମୋ ଭାଇକୁ କହିଥିଲେ- ଏ ପିଲାର ଭବିଷ୍ୟତ ଅଛି । ସେତେବେଳେ ମକର ପାଇଁ ପାର୍ଟି ପଡ଼ିଥାଏ, ଭଦ୍ରକର ସାତଭଉଣୀରେ । ସେଇଦିନରୁ ମୁଁ ଯାତ୍ରା ପାର୍ଟିରେ ଆଜିଯାଏ ରହିଛି । ପ୍ରଥମେ ପ୍ରଥମେ ଗୀତ ଗାଇବା ଓ ପରେ ଶିଶୁ କଳାକାର ଭୂମିକାରେ ଅଭିନୟ କରିବା ପାଇଁ ସୁଯୋଗ ମିଳିଥିଲା । ସେତେବେଳେ ପୌରାଣିକ ନାଟକ ପରିବେଷଣ କରାଯାଉଥିବା କାରଣରୁ ଛୋଟ ଛୋଟ ପିଲାଙ୍କର ଆବଶ୍ୟକତା ରହୁଥିଲା । ରାଜକୁମାର କି ରାଜକୁମାରୀ ଅଭିନୟ କରିବା ପାଇଁ ପାର୍ଟିରେ ଅନେକ ଛୋଟ ପିଲା ରହୁଥିଲେ । ସେ ସମୟରେ ମୋ ଭଳି ମଧ୍ୟ ୧୦/୧୨ ପିଲା ଯାତ୍ରା ପାର୍ଟିରେ ରହିଥିଲେ । ମୋର ଯାହା ମନେ ଅଛି ଛତ୍ରପତି ଶିବାଜୀ ନାଟକରେ ମୁଁ ପ୍ରଥମେ ଗୀତ ବୋଲିଥିଲି । ଜୟ ମା ଭବାନୀ, ଜୟ ମା ଶିବାନୀ ବୋଲି ଗୀତଟିଏ ଗାଇବାକୁ ମୋତେ ଦିଆଯାଇଥିଲା । ପରେ ପରେ ଅନେକ ପୌରାଣିକ ନାଟକରେ ମୁଁ ଗୀତ ଗାଇବା ସହ ଅଭିନୟ କରିବା ଓ ପରେ ଡୁଏଟ୍ କରିବା କାମ କରିଥିଲି । ସେ ସମୟରେ ନାରୀ ଭୂମିକାରେ ପୁରୁଷମାନେ ଅଭିନୟ କରୁଥିଲେ । ମୁଁ ଯଦିଓ ନାରୀ ଭୂମିକାରେ ଅଭିନୟ କରିବାକୁ କେବେ ଚାହିଁ ନଥିଲି କିନ୍ତୁ ପରିସ୍ଥିତିରେ ପଡ଼ି ଥରେ ନାରୀ ଭୂମିକାରେ ଅଭିନୟ କରିବାକୁ ପଡ଼ିଥିଲା । ସେତେବେଳେ ତଅପୋଇ ନାଟକ ଏତେ ଡ଼ିମାଣ୍ଡ ଥିଲା, ଯେଉଁ ଅଞ୍ଚଳକୁ ପାର୍ଟି ଯାଉଥିଲା ଦର୍ଶକ ସେହି ନାଟକ ଦେଖିବାକୁ ଅନୁରୋଧ କରୁଥିଲେ । ମୁଁ ଯଦିଓ ରାଜି ନଥିଲି, କିନ୍ତୁ ଯିଏ ତଅପୋଇ ନାଟକରେ ଯିଏ ଅଭିନୟ କରୁଥିଲେ, ସିଏ ପାର୍ଟି ଛାଡ଼ି ଚାଲିଗଲା ପରେ ମୋତେ ବାଧ୍ୟବାଧକତାରେ ଅଭିନୟ କରିବାକୁ ପଡ଼ିଥିଲା । କିନ୍ତୁ ସେହି ନାଟକ ମୋତେ ଅନେକ ଆତ୍ମସନ୍ତୋଷ ଦେଇଥିଲା । ଅଭିନୟ ସାରି ଫେରିବା ପରେ ଲୋକେ ଦେଖି ଯେଉଁ ପ୍ରଶଂସା କରୁଥିଲେ, ସେତେବେଳେ ତଅପୋଇ ଭୂମିକାରେ ଅଭିନୟ କରି କିଛି ଭୁଲ କରିନାହାନ୍ତି ବରଂ ଠିକ୍ କରିଛନ୍ତି ବୋଲି ଭାବି ପେଟ ପୂରି ଯାଉଥିଲା । ପୌରାଣିକ, କାଳ୍ପନିକ, ଐତିହାସିକ ନାଟକ ପରେ ଯେତେବେଳେ ସାମାଜିକ ନାଟକ ୧୯୮୭/୮୮ ବେଳକୁ ଆସିଲା, ମୋତେ କମେଡି ଭୂମିକାରେ ଅଭିନୟ କରିବାକୁ ପଡ଼ିଲା । ଯାହା ମୋତେ ଅଧିକ ଲୋକପ୍ରିୟ କରିବା ସହ ଘରେ ଘରେ ପରିଚିତ କରାଇ ପାରିଥିଲା । ସପ୍ତମାତୃକା ପରେ ସୁବର୍ଣ୍ଣରେଖା, ସାହାଣୀ, ତ୍ରିନାଥ, ଓଡ଼ିଶା ଅପେରା, ତାରପୁର, ଜନତା, ଶିବାନୀ, ଇଷ୍ଟର୍ଣ୍ଣ ବ୍ଲୁ-ରେଡ୍, ରଙ୍ଗମହଲ, ସୂର୍ଯ୍ୟମନ୍ଦିର, ବାଘାଯତୀନ ଆଦି ଯାତ୍ରାନୁଷ୍ଠାନରେ ଶହ ଶହ ନାଟକରେ ଅଭିନୟ କରିଛି ବୋଲି କୁହନ୍ତି ଓଡ଼ିଶାର ଯାତ୍ରା କମେଡ଼ି ସୁପରଷ୍ଟାର ବ୍ରଜ ପାଣି । ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ବାଘ ନେଇଗଲା ଦୌଡ଼ି ଆସ, କାନ ମୋଡ଼ିଦେଲେ ସତ କହିବି, ଦିନରେ ତାରା ରାତିରେ ଖରା, କିଏ ନେଇଗଲା ଯାଇଫୁଲକୁ, ଆଲୋ ହୁଣ୍ଡି ପଇସାର ପାନ କେତେ ଖଣ୍ଡି, ଦୁଃଖ ନଦୀର ତୀରେ, ମରଣ ଆଖିରେ ଲୁହ, ରିକ୍ସାବାଲା, ବିଚିତ୍ର ଦୁନିଆ, ଶଙ୍ଖା-ଶାଢ଼ି-ସିନ୍ଦୂର, ଗାନ୍ଧୀ ଭୂମିକାରେ କହ୍ନେଇ ଦାସ, ମଝି ଦିଆରେ କନକଗୋରୀ, ଅଲିଅଳୀ ରାଜଜେମା, ଶୂନ୍ୟସ୍ଥାନ ପୂରଣ କର, ମୋ ସାକ୍ଷୀ ମମତା ମିଶ୍ର, ବାହା ହେଇଛ ନା ବାଡୁଆ ଅଛ ।





ତ୍ରିପ୍ତି

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com